## ସଂକ୍ଷେପରେ

### କପି କରି ଧରାପଡିଲେ ୩ ମାଟ୍ରିକ ପରୀକ୍ଷାର୍ଥୀ

**କେନ୍ଦ୍ରାପଡା ଅଫିସ,୨୪।୨:** କେନ୍ଦ୍ରାପଡା ଜିଲାରେ ମାଟ୍ରିକ ପରୀକ୍ଷା ଗତ ୧୯ତାରିଖ ଠାରୁ ଆରମ୍ଭ ହୋଇଛି । ସୋମବାର ଅନୁଷ୍ଠିତ ତୃତୀୟ ଭାଷା ସଂସ୍କୃତ ପରୀକ୍ଷାରେ ଜିଲାର ୩ ପରୀକ୍ଷାର୍ଥୀ କପି କରି ଧରା ପଡିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ ଭଗବତୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ ଓ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ବିଭାଗ ପକ୍ଷରୁ ଗଠିତ ସ୍କ୍ୱାଡ୍ ହାତରେ ଧରା ପଡିଛନ୍ତି ।

### ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

**ରାଜନଗର, ୨୪।୨ (ଡି.ଏନ.ଏ.) :** ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତର କିଆଯୋରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ମିଶ୍ରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ରାଜନଗର ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସୋମବାର ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀ ସ୍ୱାଇଁଙ୍କ ସୂଚନା ମୁତାବକ ସଂପୃକ୍ତ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟକୁ ଯାଉ ନ ଥିଲେ । ତାଙ୍କୁ ପୂର୍ବରୁ ୨ଥର କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲେ ମଧ ସେ ତାର ଉତ୍ତର ଦେଇ ନ ଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

### ଦୁର୍ଘଟଣାରେ ଅଧ୍ୟାପକ ଗୁରୁତର

**ଡେରାବିଶ,୨୪।୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ମହାବିଦ୍ୟାଳୟର ଇଂଲିଶ ବିଭାଗ ପ୍ରାଧାପକ ବିନୟ କୁମାର ଷଡଙ୍ଗୀ ରବିବାର ସଡକ ଦୁର୍ଘଟଣାରେ ଗୁରୁତର ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଷଡଙ୍ଗୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଇଂଲିଶ ଭାଷା ସାହିତ୍ୟର ଏକ ଆଲୋଚନାଚକ୍ରରେ ଭାଗ ନେଇ ଚାନ୍ଦୋଳସ୍ଥିତ ଘରକୁ ଫେରୁଥିବା ବେଳେ କଟକ-ଚାନ୍ଦବାଲି ରାଜପଥର ଜମଧର ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

### ତ୍ରିମୂର୍ତ୍ତି ଶିବଜୟନ୍ତୀ ପାଳିତ

**ଡେରାବିଶ, ୨୪।୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଚାନ୍ଦୋଳ ଶାଖା ଜିତେନ୍ଦ୍ରିୟ ଭବନରେ ଇତିମଧ୍ୟରେ ୮୪ ତମ ତ୍ରିମୂର୍ତ୍ତି ଶିବଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ଚାନ୍ଦୋଳ ଶାଖାର ବ୍ରହ୍ମକୁମାର ଭଉଣୀଭାଇ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା । ପରେ ଶାଖାର ମୁଖ୍ୟ ପରିଚାଳିକା ରାଜଯୋଗିନୀ ପିଙ୍କି ଭଉଣୀ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଶିବଜୟନ୍ତୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପରମପିତାଙ୍କ ପ୍ରତି କର୍ତ୍ତବ୍ୟ, ସମାଜ ପ୍ରତି ଆମର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ତେ ସମାଜର ଉନ୍ନତି ପାଇଁ ଶ୍ରମ ଓ ସମୟ ଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବି କେ ସୁରଭାଇ, ରଘୁ ଭାଇ, କରୁଣା ଭାଇ, ଗୌରାଙ୍ଗ ଭାଇ, ରୀତା ଓ ବବିତା ଭଉଣୀ ସହଯୋଗ କରିଥିଲେ ।

# ସୌନ୍ଦର୍ଯ୍ୟ ହରାଇଛି ସୁନ୍ଦରୀପାଳ ଜଙ୍ଗଲ

**କେନ୍ଦ୍ରାପଡା ଅଫିସ, ୨୪।୨**



ସାମୁଦ୍ରିକ ବାତ୍ୟାରେ ଉଜୁଡି ଯାଇଥିବା ଜଙ୍ଗଲ ।



ଜଙ୍ଗଲରେ କରାଯାଇଥିବା ଚିଙ୍ଗୁଡିଘେରି ।

**ଜାତୀୟ ଉଦ୍ୟାନ ଭିତରକନିକା**
- ବାତ୍ୟାରୁ ପଡି ରହିଛି ଭାଙ୍ଗିଥିବା ଡ଼ାଳ
- ପାଦଚଲା ରାସ୍ତା ନିର୍ମାଣରେ ଅନିୟମିତତା
- ଜଙ୍ଗଲ ମଧ୍ୟରେ ଚିଙ୍ଗୁଡି ଘେରି

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ଉଜୁଡି ଯାଉଛି । ଏହାର ସଂରକ୍ଷଣ ପର୍ଯ୍ୟଟନ ଶିଳ୍ପ ପାଇଁ ଏକ ମୌଳିକ ଆବଶ୍ୟକତା ହୋଇଥିଲା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ନଜର ଦେଉନାହାନ୍ତି । ଏପରି କି ରାଜନଗର ବନ ବିଭାଗ ଏଥିପ୍ରତି ଉପଯୁକ୍ତ ଦୃଷ୍ଟି ଦେଉ ନ ଥିବାରୁ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

୨୦୧୯ରେ ଦୁଇଟି ସାମୁଦ୍ରିକ ଝଡ ଫନୀ ଓ ବୁଲବୁଲ ହୋଇଥିବା ବେଳେ ଭିତରକନିକା ଉପରେ ଏହା ବିଶେଷ ପ୍ରଭାବ ପକାଇଥିଲା । ଏହାର ପ୍ରଭାବରେ ଜାତୀୟ ଉଦ୍ୟାନ ଅନ୍ତର୍ଗତ ସୁନ୍ଦରୀପାଳ ଜଙ୍ଗଲରେ ଶହ ଶହ ସଂଖ୍ୟାରେ ବଡ ଗଛ ଭାଙ୍ଗି ପଡିଥିବା ବେଳେ ଅଦ୍ୟାବଧି ତାହା ପଡି ରହିଛି । ସେହିପରି ପର୍ଯ୍ୟଟକଙ୍କ ଠାରୁ ଜଙ୍ଗଲ ପ୍ରବେଶ ପାଇଁ ୪୦ଟଙ୍କା ଦେୟ ନିଆ ଯାଉଥିବା ବେଳେ ଏଠାରେ ଥିବା ପାଦଚଲା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି । ପେଣ୍ଠଠାରୁ ଅନତି ଦୂରରେ ଥିବା ଏହି ଜଙ୍ଗଲ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ବନୀକରଣକୁ ଗୁରୁତ୍ୱ ଦେବାକୁ ପରିବେଶବିତ୍‌ମାନେ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଭାକର ସାମଲ କହିଛନ୍ତି ଯେ, ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଜାତୀୟ ଉଦ୍ୟାନ ଭିତରକନିକାର ଆକର୍ଷଣ ସ୍ୱତନ୍ତ୍ର । ଏହାର ମଧୁର ଓ ଲୁଣା ଅଞ୍ଚଳରେ ବଢୁଥିବା ଘଞ୍ଚ ଜଙ୍ଗଲ ସହିତ ଲୁଣା କୁମ୍ଭୀର, ବିରଳ ଅଲିଭରିଲଡଲେଙ୍କ ଏନ୍ତୁଡିଶାଳ ଗହୀରମଥା, ପେଣ୍ଠର ଜିଓ ସିନ୍ଥେଟିକ ଟିଉବ ୱାଲ, ହେନ୍ତାଳ ବନ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନର ଯଥେଷ୍ଟ ଖୋରାକ ଯୋଗାଇଥାଏ । ଏଥିସହିତ ବନ୍ୟପ୍ରାଣୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହାର ପ୍ରଚାର ପ୍ରସାର ପାଇଁ ନିକଟରେ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହୋଇଛି । ତେବେ ଭିତରକନିକନିକାର ମୌଳିକ ସମସ୍ୟା ପ୍ରତି ଏହି ମହୋତ୍ସବରେ ଧ୍ୟାନ ଦିଆଯାଇନାହିଁ । ସେ ଏହାର ଉଦାହରଣ ଦେଇ କହିଛନ୍ତି ଯେ, ପେଣ୍ଠ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଛି ସୁନ୍ଦରୀପାଳ ଜଙ୍ଗଲ । ରାଜନନଗର ବନଖଣ୍ଡ ଅଧୀନରେ ଥିବା ଏହି ଜଙ୍ଗଲରେ ସାମୁଦ୍ରିକ ଝଡରେ ଭାଙ୍ଗି ପଡିଥିବା ଗଛଗୁଡିକ ଅଦ୍ୟାବଧି ଉଠାଯାଇନାହିଁ । ଗତବର୍ଷ ହୋଇଥିବା ଦୁଇଟି ଝଡରେ ଜଙ୍ଗଲ ଅଞ୍ଚଳ ଏକ ପ୍ରକାର ଫାଙ୍କା ହୋଇଯାଇଛି । ଏଠାରେ ବନୀକରଣ ହେବା କଥା । ତେବେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପୂର୍ବରୁ ଦେଖାଯାଉଥିବା ହରିଣ, ବାରହା, କୁଟରା ଓ ସରୀସୃପଙ୍କ ଚିହ୍ନବର୍ଣ୍ଣ ନାହିଁ । ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି ଯେ, ସୁନ୍ଦରୀପାଳ ଜଙ୍ଗଲ ପୂର୍ବରୁ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ହୋଇ ଆକର୍ଷଣୀୟ ଥିଲା । ଏଥିପାଇଁ ପର୍ଯ୍ୟଟକଙ୍କ ଠାରୁ ଦେୟ ଆଦାୟ ହେଉଛି । ତେବେ ବର୍ତ୍ତମାନ ଜଙ୍ଗଲ ଏକରକମ ପଦା ହୋଇଯାଇଛି । ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଜଙ୍ଗଲ ମଧ୍ୟରେ ଏବେ ପାଦଚଲା ରାସ୍ତା ନିର୍ମାଣ ଚାଲିଛି । ତେବେ ଦୁର୍ଭାଗ୍ୟର କଥା ଏହି ଗୋଟିଏ ମିଟରର ରାସ୍ତା ପାଇଁ ଦୂରରୁ ବାଲି ଆଣିବା ପରିବର୍ତ୍ତେ ରାସ୍ତା କଡରୁ ବାଲି ଉଠାଯାଉଛି । ଆସନ୍ତା ବର୍ଷା ଋତୁରେ ଏହି ବାଲି ପୁଣି ଗାଡକୁ ଚାଲିଯିବା ନିଶ୍ଚିତ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଖରସ୍ରୋତା ବଞ୍ଚାଅ ଅଭିଯାନର କର୍ମକର୍ତ୍ତା ଶୁଭାଶିଷ ଷଡ଼ଙ୍ଗୀ କହିଛନ୍ତି ଯେ, ଜାତୀୟ ଉଦ୍ୟାନ ଭିତରକନିକା ଏବେ କେତେକ ମୁନାଫାଖୋରଙ୍କ କବ୍‌ଜାରେ ଅଛି । ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଧଡକ ମାଛମରା ଚାଲିଥିବା ବେଳେ ବନୀକରଣ ନାମରେ ଠିକା ସଂସ୍ଥା ହରିଲୁଟ କରୁଛନ୍ତି । ସେହିପରି କେତେକ ଚିଙ୍ଗୁଡି ବ୍ୟବସାୟୀଙ୍କ କବଳରୁ ସୁନ୍ଦରୀପାଳ ଜଙ୍ଗଲ ବର୍ତ୍ତିନାହିଁ । ଜଙ୍ଗଲର ଗୋଟିଏ ବର୍ଗ କିଲୋମିଟର ଅଞ୍ଚଳ ମଧ୍ୟରେ ଶତାଧିକ ଚିଙ୍ଗୁଡି ଘେରି ଦେଖିବାକୁ ମିଳୁଛି । ବନ ବିଭାଗ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ପାଦଚଲା ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତାର ପ୍ରଶାସନିକ ତଦନ୍ତ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ କୁହନ୍ତି ଯେ, ସୁନ୍ଦରୀପାଳ ଜଙ୍ଗଲର ସୁରକ୍ଷା ଓ ପର୍ଯ୍ୟଟନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଯୋଜନା କାର୍ଯ୍ୟକାରୀରେ ଥିବା ଅନିୟମିତତା ସମ୍ପର୍କରେ ଅଭିଯୋଗ ଆସିନାହିଁ । ଆସନ୍ତା ଦୁଇଦିନ ମଧ୍ୟରେ ରାସ୍ତା ନିର୍ମାଣ ଅନିୟମିତତାର ତଦନ୍ତ ହେବ ।

## ଅଗ୍ନିକାଣ୍ଡରେ ୪,୮୦୦ କୁକୁଡ଼ା ଚିଆଁ ଜଳିଗଲେ

**ମହାକାଳପଡ଼ା,୨୪।୨(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତର ଛପାଲି ବଡତୋଟା ଗ୍ରାମ ପାର୍ଶ୍ୱ କେନାଲ ବନ୍ଧ ମୁସଲିମ୍ ବସ୍ତିରେ ସୋମବାର ସକାଳ ୫ଟାରେ ଶର୍ଟ ସର୍କିଟ୍ ଯୋଗୁ ଏକ କୁକୁଡ଼ା ଫାର୍ମ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୪,୮୦୦ କୁକୁଡ଼ା ଚିଆଁ ପୋଡି ଯାଇଥିବା ବେଳେ ୧୫ କୁଇଣ୍ଟାଲ କୁକୁଡ଼ା ଦାନା, ଔଷଧ ଆଦି ନଷ୍ଟ ହୋଇଯାଇଛି । କ୍ଷୟକ୍ଷତର ପରିମାଣ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି । ଖବରପାଇ ମହାକାଳପଡାରୁ ନିଆଁ ଲିଭାଳି ଦଳ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ଏହି କୁକୁଡା ଫାର୍ମ ଶେଖ୍ ଜଲିମ ଓ ଶେଖ୍ ସାଜିଦ୍‌ଙ୍କର ବୋଲି ଜଣାପଡିଛି। ସେମାନେ ଏହି କୁକୁଡା ଫାର୍ମ କରି ପରିବାର ପ୍ରତିପୋଷଣ କରୁଥିଲେ। ଉଭୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



ପୋଡ଼ିଯାଇଥିବା କୁକୁଡ଼ା ଫାର୍ମ ।

## ମାଙ୍କଡ଼ ଆକ୍ରମଣରେ ୨ ସ୍କୁଲ ଛାତ୍ର ଆହତ

**ଡେରାବିଶ,୨୪।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ବଡମଙ୍ଗରାଜପୁର ଗ୍ରାମରେ ମାଙ୍କଡ ଉପଦ୍ରବ ବଢି ଚାଲିଛି । ଗତ ଦୁଇ ମାସ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଥିବା ବେଳେ ଶନିବାର ଗ୍ରାମର ଦୁଇ ଜଣ ଛାତ୍ର ମାଙ୍କଡ ଆକ୍ରମଣରେ ଗୁରୁତର ହୋଇଛନ୍ତି । ସେମାନେ ହେଲେ ରିତେଶ ସାହୁ ଓ ଲୁଲୁ ବେହେରା । ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ତେବେ ମାଙ୍କଡ ଉପଦ୍ରବ ଗ୍ରାମରେ ଆତଙ୍କ ଖେଳାଇ ଦେଇଥିବାରୁ ଗ୍ରାମବାସୀ ଜିଲାପାଳଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ସୋମବାର ଏକ ଦାବିପତ୍ର ଦେଇଛନ୍ତି । ଏ ସମ୍ପର୍କରେ ଅଭିଯୋଗକାରୀ ଗୋଲଖ ଚନ୍ଦ୍ର ସାହୁ କହିଛନ୍ତି ଯେ, ମାଙ୍କଡ ଉପଦ୍ରବରେ ଗ୍ରାମବାସୀ ଆତଙ୍କିତ ହୋଇଛନ୍ତି । ପନିପରିବା ଫସଲ ନଷ୍ଟ ସହ ଆକ୍ରମଣରେ ଗ୍ରାମବାସୀ ଗୁରୁତର ହେଉଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଗ୍ରାମାର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଅଧ୍ୟାପକଙ୍କ ବିୟୋଗରେ ଶୋକସଭା

**ପଟ୍ଟାମୁଣ୍ଡାଇ,୨୪।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ନିକଟ ଚଉଦକୁଳାଟସ୍ଥିତ ସ୍ୱାମୀ ବିବେକାନନ୍ଦ କଲେଜର ଇତିହାସ ବିଭାଗ ଅଧ୍ୟାପକ ପ୍ରଦୋଷ କୁମାର ପଣ୍ଡା (୫୧)ଙ୍କ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସୋମବାର କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ଅନାଦି ଚରଣ ପଳିତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଅଧାପିକା ଅଧ୍ୟାପକମାନେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସେ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ ଓ ପରୋପକାରୀ ବ୍ୟକ୍ତି ଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ସଭାରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଦାସ, ରବି ରଞ୍ଜନ ଶର୍ମା, ପ୍ରଶାନ୍ତ କୁମାର ବେହେରା, କ୍ରୀଡା ଶିକ୍ଷକ ପ୍ରମେଶ ଚନ୍ଦ୍ର ରାଉତ, ନିରଞ୍ଜନ ପଣ୍ଡା, ହୃଷିକେଶ ସେଠୀ, ପଞ୍ଚାନନ ବେହେରା, ପୂର୍ଣ୍ଣିମା ନାଥଶର୍ମା, ନିରୂପମା ଅଧିକାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ଏଥିସହିତ କଲେଜର ଛାତ୍ରୀଛାତ୍ରମାନେ ତାଙ୍କ ଗୁଣଗାନ କରି ବକ୍ତବ୍ୟ ରଖିଥିଲେ । ସ୍ୱର୍ଗତ ପଣ୍ଡା ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯାଇ ଶେଷଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଚଉଦକୁଳାଟ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସୁବାଷ ନାଥଶର୍ମା, ବିଜେଡି ନେତା ଦୁର୍ଗାଶିଷ ମହାନ୍ତିଙ୍କ ସମେତ ସରପଞ୍ଚ ଓ ଛାତ୍ରୀଛାତ୍ରମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ନିଜ ଗ୍ରାମ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମରେ । ସେ ଗତ କିଛି ବର୍ଷ ହେବ ସ୍ୱାମୀ ବିବେକାନନ୍ଦ କଲେଜ ନିକଟରେ ଘର କରି ପରିବାର ସହ ରହି ଆସୁଥିଲେ । ତାଙ୍କ ସ୍ତ୍ରୀ ଉକ୍ତ କଲେଜରେ ଅଧାପିକା ଅଛନ୍ତି ।

## ବାର୍‌ହା ଆକ୍ରମଣରେ ୨ ଚାଷୀ ଗୁରୁତର

**ମହାକାଳପଡ଼ା,୨୪।୨(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅଧୀନ ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗ୍ରାମରେ ସୋମବାର ମଧ୍ୟାହ୍ନରେ ଏକ ବାର୍‌ହା ଆକ୍ରମଣରେ ୨ ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି ।

ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମର ମଦନ ଆଚାର୍ଯ୍ୟ(୫୫) ଓ ପଶୁପତି ଜାନା(୬୦) ନିଜ ଘର ପାଖ ଧାନଖଳାରେ ଧାନ ଅମଳ କରୁଥିବା ସମୟରେ ସ୍ଥାନୀୟ ଖରିନାସୀ ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତା ବାର୍‌ହା ବାହାରି ସେମାନଙ୍କୁ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ଦୁଇ ଚାଷୀଙ୍କ ଶରୀରର ବିଭିନ୍ନ ଅଂଶ କ୍ଷତାକ୍ତ ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ମଦନ ଓ ପଶୁପତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।



ଚିକିତ୍ସାଧୀନ ଅବସ୍ଥାରେ ବାର୍‌ହା ଆକ୍ରମଣରେ ଆହତ ହୋଇଥିବା ଜଣେ ଚାଷୀ ।

## ଅଙ୍ଗନୱାଡି ସହାୟିକା ସଂଘ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୨୪।୨**

କେନ୍ଦ୍ରାପଡା ବ୍ଲକ ଚାରିଗାଁର ମା' ମାଳ ଠାକୁରାଣୀ ପୀଠ ପରିସରରେ ଜିଲାସ୍ତରୀୟ ଅଙ୍ଗନୱାଡି ସହାୟିକା ସଂଘର ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ବିନୟ କୁମାର ବୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ସମସ୍ୟା ଉପସ୍ଥାପିତ ହୋଇଥିବା ବେଳେ ସଂଗଠନକୁ ମଜଭୂତ ପାଇଁ ଆହ୍ୱାନ ଦିଆଯାଇଥିଲା । ଏଥିରେ ଉପଭୋକ୍ତାଙ୍କ ପାଇଁ ଆସୁଥିବା ସମସ୍ତ ତଥ୍ୟ ସହାୟିକାଙ୍କୁ ଦେବା, ଚିକିତ୍ସା ଓ ପେନସନ ଦାବି କର୍ମକର୍ତ୍ତାମାନେ ଉପସ୍ଥାପନ କରିଥିଲେ । ସମ୍ମିଳନୀରେ ବିଦ୍ୟାଧର ଜେନା, ଲକ୍ଷ୍ମୀ ମଲ୍ଲିକ, ମୀନତି ସାହୁ, ଅଞ୍ଜନା ମଲ୍ଲିକ, ଅବନ୍ତୀ ଦାସ, ସୁଦାମ ମଲ୍ଲିକ, ସୁରେନ୍ଦ୍ର କୁମାର ସାମଲ, ଅଶୋକ କୁମାର ପଣ୍ଡା, ରାଜେଶ କୁମାର ଦାଶ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ହରିଲୁଟ ଘଟଣା: ଥାନାରେ ଏତଲା

**ରାଜନଗର,୨୪।୨(ଡି.ଏନ.ଏ.)**

**ତହସିଲ ପକ୍ଷରୁ ଖୋଳତାଡ ଆରମ୍ଭ**

ପୁରୀର ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତିକୁ ଜାଲ୍ ନୋଟାରିଙ୍କ ଜରିଆରେ ହରିଲୁଟ କରାଯାଇଛି । ଏନେଇ ଅଭିଯୋଗ ପରେ ଜିଲାପାଳ ଏହି ଘଟଣାକୁ ଗୁରୁତର ସହିତ ଗ୍ରହଣ କରି ସତ୍ୟାସତ୍ୟ ଜାଣିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ଯେଉଁ ନୋଟାରିଙ୍କ ମାଧ୍ୟମରେ ମହାପ୍ରଭୁଙ୍କ ସମ୍ପତ୍ତି ଲୁଟ କରାଯାଇଛି ସେ ନିଜେ ଏହା କରି ନ ଥିବା କହିଛନ୍ତି । ଜାଲ କରାଯାଇ ସମ୍ପତ୍ତି ହରିଲୁଟ କରାଯାଇଛି ବୋଲି ସଂପୃକ୍ତ ନୋଟାରି ସୋମବାର ରାଜନଗର ଥାନାରେ ଏତଲା ଦେଇଛନ୍ତି । ଏହା ଜାଣିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ହୋଇଛି ।

ପ୍ରକାଶ ଯେ, ରାଜନଗର ବ୍ଲକର ରାଜନଗର- ତାଳଚୁଆ ମୁଖ୍ୟରାସ୍ତାର ରାଜନଗର ଗ୍ରାମରେ ଖତିୟାନ ନଂ ୪୩୬, ପ୍ଲଟ ନଂ ୭୦୩ କିସମ ଶାରଦ ଦୁଇରେ ୧୦ ଡେସିମିଲ ଓ ପ୍ଲଟ ନଂ ୭୦୪, କିସମ ଶାରଦ ଦୁଇରେ ୨୦ ଡେସିମିଲ ଜମି ରହିଛି । ପଟ୍ଟାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ରହିଛି । ଏବେ ରାଜନଗର ମୌଜାରେ ରାସ୍ତା କଡରେ ଥିବା ଜମି ଡେସିମିଲ ପିଚ୍ଛା ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଛି । ମହାପ୍ରଭୁଙ୍କ ଏହି ୩୦ ଡେସିମିଲ ଜମିର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କା ହେବ । ମାତ୍ର ଠାକୁରଙ୍କ ଏହି ଜମିକୁ ମାର୍ଫତଦାରଙ୍କ ପରିବାର ଲୋକେ ଭଦ୍ରକ ଜିଲା କଲ୍ୟାଣୀନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଛନ୍ତି । ଜାଲ୍ ନୋଟାରିଙ୍କ ଜରିଆରେ ଏହା କରାଯାଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କିତ କାଗଜପତ୍ରରେ ନୋଟାରି ଗୋବର୍ଦ୍ଧନ ରାଉତ ବୋଲି ଉଲ୍ଲେଖ ରହିଛି । ଏହା ଜଣାପଡିବା ପରେ ନୋଟାରିଆନ ଗୋବର୍ଦ୍ଧନ ଏ ନେଇ ରାଜନଗର ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ପଟ୍ଟାମୁଣ୍ଡାଇ ତହସିଲରେ ନୋଟାରିଆନ ଭାବେ ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୭ ଅଗଷ୍ଟ ମାସରେ ତାଙ୍କ ନାମରେ କେହି ଏହି କାର୍ଯ୍ୟ କରିଛନ୍ତି ଯାହାକି ସମ୍ପୂର୍ଣ୍ଣ ଜାଲ । ଆଇନଗତ ଭାବେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ନିବେଦନ କରିଛନ୍ତି । ଅପରପକ୍ଷରେ କେନ୍ଦ୍ରାପଡା ଜିଲାପାଳ ରାଜନଗର ତହସିଲଦାରଙ୍କୁ ଏହି ଘଟଣାର ତଦନ୍ତ କରି ଖୁବଶୀଘ୍ର ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପାଇବା ପରେ ରାଜନଗର ରାଜସ୍ୱ ନିରୀକ୍ଷକ ଏକ ଟିମ୍ ସହିତ ଘଟଣାର ଅନୁଧ୍ୟାନ କରିଛନ୍ତି । ଅପରପକ୍ଷରେ ଠାକୁରଙ୍କ ଯେଉଁ ଜାଗା ବିକ୍ରି ହୋଇଛି ସେଠାରେ ଏକ କୋଠାଘର ନିର୍ମାଣ ହୋଇଛି । ଏଥିଯୋଗୁ ରାଜନଗର ଓ ଆଖପାଖ ଅଞ୍ଚଳର ଜମିରୁ ଜଳ ନିଷ୍କାସନ ପଥ ବନ୍ଦ ହୋଇଯାଇଛି । ଏ ସଂପର୍କରେ ରାଜନଗର ଆଇଆଇସି ତପନ କୁମାର ନାୟକ କହିଛନ୍ତି ଯେ, ଅଭିଯୋଗ ପାଇଛୁ । ଘଟଣାର ତଦନ୍ତ କରାଯିବ । ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ କହିଛନ୍ତି ଯେ, ଏ ନେଇ ତଦନ୍ତ କରାଯାଇ ଅତିରିକ୍ତ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଠାକୁରଙ୍କ ଜମିରେ ଆଉ ଯେପରି କୌଣସି ନିର୍ମାଣ ନ ହୁଏ, ସେନେଇ ଆରଆଇ ନଜର ରଖିବେ ବୋଲି କହିଛନ୍ତି ।

## ବନ୍ତନାସୀ କାଜୁ ଜଙ୍ଗଲରେ ନିଆଁ

**ମହାକାଳପଡ଼ା,୨୪।୨(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତର ମହାନଦୀ ପାର୍ଶ୍ୱ ବନ୍ତନାସୀ କନ୍ଧା କାଜୁ ଜଙ୍ଗଲରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ୨୦୦ରୁ ଊର୍ଦ୍ଧ୍ୱ କାଜୁଗଛ ପୋଡ଼ି ନଷ୍ଟ ହୋଇଛି । ଖବର ପାଇ ମହାକାଳପଡ଼ାରୁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସୋମବାର ସକାଳେ କାଜୁ ନିଗମର ରାମନଗର କ୍ଷେତ୍ର ଅଧିକାରୀ ଅଶୋକ ପାତ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏବେ କାଜୁଗଛଗୁଡିକରେ ଫୁଲ ଆସିଥିବା ବେଳେ ସରକାରୀ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ସମ୍ପର୍କରେ ରାମନଗର କାଜୁ ନିଗମ କ୍ଷେତ୍ର ଅଧିକାରୀ ପାତ୍ରଙ୍କ ମତାମତ ନେବାରେ କହିଛନ୍ତି ଯେ, ନିଆଁ ଲାଗିବା ଯୋଗୁ ୧୦୦ରୁ ଅଧିକ କାଜୁଗଛ ନଷ୍ଟ ହୋଇଯାଇଛି । କ୍ଷୟକ୍ଷତିର ଆକଳନ କରାଯାଇ ଓଡିଶା କାଜୁ ନିଗମ ମୁଖ୍ୟ କାର୍ଯ୍ୟାଳୟକୁ ରିପୋର୍ଟ ପ୍ରଦାନ କରାଯାଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ବନ୍ତନାସୀ ନିକଟ ମହାନଦୀ କୂଳରେ ଥିବା ଏହି କାଜୁ ଜଙ୍ଗଲରେ ସମୁଦ୍ରରେ ମାଛ ମାରିବାକୁ ଯାଉଥିବା ବୋଟ କର୍ମଚାରୀ ଅଧିକାଂଶ ସମୟରେ ଭୋଜି କରିଥାନ୍ତି । ସେମାନେ ରବିବାର ଭୋଜି କରି ଚୁଲିର ନିଆଁ ଲିଭାଇ ନ ଥିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି ।





ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ



# ଡେଥ୍‌ଜୋନ ପାଲଟିଛି ଜାତୀୟ ରାଜପଥ

ଯାଜପୁର ଅଫିସ,୨୪।୨

ଯାଜପୁର ଜିଲା ଦେଇ ଯାଇଥିବା ୫୩ ନମ୍ବର, ୧୬ ନମ୍ବର ଓ ୨୦ ନମ୍ବର ଜାତୀୟ ରାଜପଥ ଡେଥଜୋନ ପାଲଟିଛି ବୋଲି ବିବେଚନା କରାଯାଉଛି। ରାସ୍ତା ପ୍ରସସ୍ତୀକରଣ, ମରାମତି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡୁଥିବା କୁହାଯାଉଛି। ବର୍ତ୍ତମାନ ଏହି ୩ ରାଜପଥ ଜିଲାବାସୀଙ୍କ ଦୁଃଖ ବୋଲି କୁହାଯାଉଛି। ଏହାସହ ଜିଲା ପ୍ରଶାସନ ପ୍ରଭାବୀ ଢଙ୍ଗରେ ପଦକ୍ଷେପ ନେଉ ନ ଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ମନମାନି ବଢିବାରେ ଲାଗିଛି। ଏହିକ୍ରମରେ ଚଣ୍ଡିଖୋଲରୁ ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ଚାଲିଥିବାବେଳେ ପାଣିକୋଇଲି ଟୋଲଗେଟ ଭଦ୍ରକ ଜିଲାର ଆଖୁଆପଦା ସ୍ଥାନାନ୍ତରଣ ହେବ ବୋଲି ଦେଇଥିବା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଏଥିଯୋଗୁ ୬୦ କିମି ଭିତରେ ଜିଲାବାସୀ ୩ଟି ସ୍ଥାନରେ



ଟୋଲ ଫି ଦେଇ ସର୍ବସ୍ୱାନ୍ତ ହେଉଥିବା ଅଭିଯୋଗ ହେଉଛି।

ରାଜ୍ୟର ଶିଳ୍ପ ସମୃଦ୍ଧ ଜିଲା ଭାବେ ଯାଜପୁର ଜିଲା ପରିଗଣିତ। ଏଠାରେ ଶିଳ୍ପ ଯେଭଳି ବଢୁଛି, ସେହି ଅନୁଯାୟୀ ଯାନବାହାନ ସଂଖ୍ୟା ଓ ଜନସଂଖ୍ୟା ମଧ୍ୟ ବଢି ଚାଲିଛି। ଦେଶୀ ବିଦେଶୀ ପୁଞ୍ଜି ନିବେଶରେ ଗଢି ଉଠୁଥିବା ଶିଳ୍ପ ସଂସ୍ଥାଗୁଡିକରେ କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ବାହାର ଜିଲା ଓ ରାଜ୍ୟର ଲୋକଙ୍କ ଆଗମନ ଜିଲାର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଗଭୀର ଭାବେ ପ୍ରଭାବିତ କରି ଚାଲିଛି । ଆଉ ଶିଳ୍ପ ସଂସ୍ଥାଗୁଡିକୁ କଞ୍ଚାମାଲ ଯୋଗାଣ, ପରିବହନ, ଉତ୍ପାଦିତ ସାମଗ୍ରୀର ଚାଲାଣ ପାଇଁ ଭାରିଯାନ ଟ୍ରକ ଆଦିର ସଂଖ୍ୟା ବହୁଗୁଣରେ ବଢି ଜିଲାକୁ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ପରିଣତ କରିଛି। ବିଶେଷ କରି କଳିଙ୍ଗନଗର ଇଲାକାରେ ଗଢି ଉଠିଥିବା ଏକାଧିକ କାରଖାନା ସମେତ ଧର୍ମଶାଳା ବ୍ଲକରେ କଳାପଥର ଖାଦାନରୁ ହେଉଥିବା ପରିବହନ ଯୋଗୁ ଏଠାରେ ସର୍ବାଧିକ ରାସ୍ତା ଓ ଶିଳ୍ପ ଦୁର୍ଘଟଣା ଘଟି ଚାଲିଛି। ଏହି ରାସ୍ତାଗୁଡିକର ଅବସ୍ଥା ଗ୍ରାମାଞ୍ଚଳର ରାସ୍ତାରୁ ମଧ୍ୟ ଅତି କଦର୍ଯ୍ୟ ହୋଇପଡିଛି। ରାସ୍ତା କ୍ରମଶଃ ସଙ୍କୁଚିତ ହୋଇ ପଡୁଥିବାବେଳେ ସ୍ଥାନେସ୍ଥାନେ ବଡବଡ ଖାଲଖମା ସୃଷ୍ଟି ହୋଇ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି। ଏପରିକି କେତେକ ସ୍ଥାନରେ ଗେଟି ଉଠି ମରଣଯନ୍ତା ପାଲଟିଛି। ଏଥିଯୋଗୁ ଯାଜପୁର ଜିଲାରେ ଗତ ୩ ବର୍ଷ

## ଏନ୍‌ଏଚ୍‌ଏଆଇର ମନମାନି

- ରାସ୍ତା ପ୍ରସସ୍ତୀକରଣ, ମରାମତି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେଉନି
- ୬୦ କି.ମି. ଭିତରେ ୩ ସ୍ଥାନରେ ଟୋଲ ଫି ଦେଇ ଲୋକେ ସର୍ବସ୍ୱାନ୍ତ

ମଧ୍ୟରେ ପ୍ରାୟ ୬୦୦ ଲୋକଙ୍କ ଜୀବନ ଯାଇଛି। ଏଣୁ ଭାରତୀୟ ଦଣ୍ଡବିଧି ସଂହିତା ଧାରା ୧୩୩ ଅନୁସାରେ ସର୍ବସାଧାରଣଙ୍କୁ କ୍ଷତି ପହଞ୍ଚାଇବା ଅପରାଧରେ ଜାନୁୟାରୀରେ ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ରାଜପଥ କର୍ତ୍ତୃପକ୍ଷର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯିବା ସହ ଦୁର୍ଘଟଣାରେ ମୃତାହତଙ୍କ ପାଇଁ କାହିଁକି ତାଙ୍କୁ ଦାୟୀ କରା ନ ଯିବ ବୋଲି ନୋଟିସ ଜାରି ହୋଇଥିଲା। ହେଲେ ଏଯାଏ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିନାହିଁ। ଏହାବାଦ ୧୬ ନମ୍ବର ଜାତୀୟ ରାଜପଥ(ଏନଏଚ)ର ଚଣ୍ଡିଖୋଲରୁ ଭଦ୍ରକ ୭୪.୫ କିମି ୬ ଲେନ ସଂପ୍ରସାରଣ ସମୟରେ ପାଣିକୋଇଲି ଟୋଲପ୍ଲାଜା ଭଦ୍ରକ ଜିଲାର ଆଖୁଆପଦାକୁ ସ୍ଥାନାନ୍ତରଣ ହେବ ବୋଲି ୨୦୧୮ ନଭେମ୍ବରରେ ଏନଏଚଆଇ ପକ୍ଷରୁ ସୂଚନା ମିଳିଥିଲା। ତେବେ ଟୋଲ ପ୍ଲାଜା ଠିକାସଂସ୍ଥାର ଅର୍ଥ ଓ ରାଜନୈତିକ କ୍ଷମତା ବଳରେ ଏନ୍‌ଏଚ୍‌ଆଇର ଏହି ନିଷ୍ପତ୍ତି ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏନଏଚର ୬ ଲେନ ସଂପ୍ରସାରଣ କାର୍ଯ୍ୟ ପାଣିକୋଇଲି ଟୋଲପ୍ଲାଜା ଅତିକ୍ରମ କରି ସାରିଛି। ଏଥିଯୋଗୁ ନିର୍ମାଣରେ ମଧ୍ୟ ବାଧକ ହେଉଛି ବୋଲି ନିର୍ମାଣକାରୀ ସଂସ୍ଥା ପକ୍ଷରୁ କୁହାଯାଉଛି। କିନ୍ତୁ ଟଙ୍କା ଲୋଭରେ ଟୋଲପ୍ଲାଜା ସ୍ଥାନାନ୍ତରଣ ନ ହେବା ପଛରେ ବହୁ ଗାଢ ରହସ୍ୟ ଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଏନଏଚଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନଥିବାରୁ ମତାମତ ସମ୍ଭବ ହୋଇ ପାରିନାହିଁ।

## ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ବାରଗାଡ଼ିଆ ବିଜୟୀ

ଧର୍ମଶାଳା,୨୪।୨(ଡିଏନ୍‌ଏ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ସିନିଅର ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ଧର୍ମଶାଳା ସ୍ପୋର୍ଟସ୍ କାଉନସିଲକୁ ୮ ଉଇକେଟରେ ପରାସ୍ତ କରି ଏସ୍‌ସିଏ ବାରଗାଡିଆ ବିଜୟୀ ହୋଇଛି। ଟସ ଜିତି ଧର୍ମଶାଳା ସ୍ପୋର୍ଟସ କାଉନସିଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରୁ ୨୬.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଜବାବରେ ବାରଗାଡିଆ ବ୍ୟାଟିଂ କରି ୨୮.୪ ଓଭରରେ ୨ ଉଇକେଟ ହରାଇ ୧୩୯ ରନ କରି ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ରଞ୍ଜନ ପାଲ ଓ ଅମରେଶ ପରିଡା ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ। ମଙ୍ଗଳବାର କେଏନ୍‌ଏସ୍ ଯାଜପୁର ରୋଡ ଓ କେଡିଏମ ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସମ୍ପାଦକ ଜ୍ଞାନଚାନ୍ଦ ଦାଶ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସନାତନ ଧର୍ମ ସମ୍ମିଳନୀ

ରତ୍ନଗିରି,୨୪।୨(ଡିଏନ୍‌ଏ)- ବରୀ ବ୍ଲକ ଆଞ୍ଚଳିକ ଭକ୍ତ ଗୋଷ୍ଠୀଙ୍କ ଦ୍ୱାରା ସୋମବାରଠାରୁ ଶ୍ରୀଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ସନାତନ ଧର୍ମ ସମ୍ମଳନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ସମ୍ମିଳନୀ ୨ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଅଣିକଣା, ଶ୍ରୀରାମପୁର ଗ୍ରାମର ଅଧିବାସୀଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମ ଅବସରରେ ଭଜନ, ପ୍ରବଚନ, ଗୋଟିପୁଅ ନୃତ୍ୟ ଓ ଲୀଳା ନାଟକ ଆଦି କାର୍ଯ୍ୟକ୍ରମ କରାଯିବାକୁ କମିଟି ତରଫରୁ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବରୀ ପୋଲିସ ତରଫରୁ ମଧ କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

### ରାଜପଥ ଉପରେ ଓଲଟିଲା ଧାନ ବୋଝେଇ ଟ୍ରକ



ରସୁଲପୁର,୨୪।୨(ଡିଏନଏ)- ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବାରବାଟୀ ପଞ୍ଚାୟତର ଦୁର୍ଗାପୁର ଦୁର୍ଗାଦେବୀ ମନ୍ଦିର ନିକଟରେ ସୋମବାର ସକାଳେ ଏକ ଧାନ ବୋଝେଇ ମିନିଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଦୀର୍ଘ ସମୟ ଧରି ରାଜପଥ ଉପରେ ଗାଡି ଚଳାଚଳରେ ବାଧା ଉପୁଜିଥିଲା। ଧର୍ମଶାଳା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡି ଚଳାଚଳକୁ ସ୍ୱଭାବିକ କରିଥିଲେ। ପ୍ରକାଶ ଯେ, କୁଆଖିଆରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ଧାନ ବୋଝେଇ ମିନିଟ୍ରକ (ନଂ. ଓଡି୦୪ବି୯୮୪୩) ଦୁର୍ଗାଦେବୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଗାଡି ଚାଳକ ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ରାସ୍ତା ମଝିରେ ଦୁର୍ଘଟଣାଗ୍ରସ୍ତ ଗାଡି ଓଲଟି ପଡିବାରୁ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଟ୍ରାଫିକ୍ ମସସ୍ୟାରେ ସୁଧାର ଆଣିବା ସକାଶେ ପୋଲିସକୁ ନାକେଦମ ହେବାକୁ ପଡିଥିଲା।

### ରାଜସ୍ଥାନରେ ଓଡ଼ିଆ କାରିଗରଙ୍କ ମୃତ୍ୟୁ

ସଜନାଗଡ଼,୨୪।୨(ଡି.ଏନ.ଏ.)-ରାଜସ୍ଥାନ ଜୟପୁରଠାରେ ନୀଳଗିରି ଅଞ୍ଚଳର ପଥରମୂର୍ତ୍ତି କାରିଗରଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକର କାଣ୍ଡଗରଡ଼ି ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ବୈଷ୍ଣବ ସାମଲଙ୍କ ପୁଅ ଚକ୍ରଧର (୩୫) ଜଣେ ପଥରମୂର୍ତ୍ତି କାରିଗର ଭାବେ ଖ୍ୟାତି ଅର୍ଜନ କରି ରାଜସ୍ଥାନ ଜୟପୁରଠାରେ କାର୍ଯ୍ୟ କରିଆସୁଥିଲେ। ଗତ ୨୨ ତାରିଖ ଅପରାହ୍ନ ପ୍ରାୟ ୫ଟାରେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ କାର୍ଯ୍ୟରତ ବନ୍ଧୁମାନଙ୍କ ସହଯୋଗରେ ନିକଟସ୍ଥ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ ଏକ ଆମ୍ବୁଲାନ୍ସରେ ରାଜସ୍ଥାନରୁ ନିଜ ଗାଁ ମୁକୁନ୍ଦପୁରରେ ସୋମବାର ଅପରାହ୍ନରେ ଆସି ପହଞ୍ଚିଛି।

# ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

କଳିଙ୍ଗନଗର,୨୪।୨(ଡି.ଏନ.ଏ)

ଟାଟା କାରଖାନା ପାଇଁ ବିସ୍ଥାପିତ ହୋଇଥିବା କଳିଙ୍ଗନଗର ଅଞ୍ଚଳର ଚାନ୍ଦିଆ, ବାଲିଗୋଠ, ଗୋବରଘାଟି, କଳାମାଟିଆ, ବାଇଡ୍ଡୁବୁରୀ, ଗାଢପୁର, ଚମ୍ପାକୋଇଲି, ବାନ୍ଦରଗାଡିଆ, ବାମିୟାଗୋଠ, ମାନିଆପାତଳ, ଆମ୍ବଗଡ଼ିଆ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଜମିହରା ସୋମବାର ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉପରୋକ୍ତ ଗ୍ରାମର ବାସିନ୍ଦା ବିସ୍ଥାପିତ ହୋଇ ମଧ ସେମାନଙ୍କ ନାମ ବିସ୍ଥାପିତ ତାଲିକାରେ ଅର୍ନ୍ତଭୂକ୍ତ ହୋଇନାହିଁ। ଗତ ୨୦୧୦ରୁ ସେମାନେ ନିଜ ସମସ୍ୟା ନେଇ ବହୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ ହେଁ ୧୦ବର୍ଷ ପରେ ବି ସେମାନଙ୍କ ସମସ୍ୟାର ସମାଧାନ ହୋଇପାରି ନାହିଁ। ୨୦୦୬ ମସିହାର ଶିଳ୍ପ ଆଇନ ଅନୁସାରେ ବିସ୍ଥାପିତ ପରିବାରଙ୍କୁ କ୍ଷତିପୂରଣ, ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି, ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି, ଘରପଟ୍ଟା ପ୍ରଦାନ ଓ ବିତାଡ଼ିତ ହୋଇଥିବା ପରିବାର ବର୍ଗଙ୍କୁ ବିସ୍ଥାପିତ ତାଲିକାରେ ସାମିଲ କରିବା ପାଇଁ ଦାବି କରି ୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଧାରଣାରେ ବସିଥିଲେ। ଧାରଣା ସ୍ଥଳରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ଅଧିକାରିଣୀ ଲୋପାମୁଦ୍ରା ସାହୁ ଧାରଣାକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରି ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗୋବରଘାଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ସିନି ସଏ, ବିସ୍ଥାପନ ବିରୋଧୀ ଜନମଞ୍ଚର ସଦସ୍ୟ ସନିୟା ତିରିଆ, ମମତା କାଲୁଣ୍ଡିଆ, ବୈଜୟନ୍ତୀ ହାଇବ୍ରୁ, ସମ୍ଭୁନାଥ ମହନ୍ତ, ଜିତେନ୍ଦ୍ର ସାମାଡ , ଇନ୍ଦ୍ରୁରାମ ତନସଏ, ସନାତନ ଗାଗରାଇ, ବାବୁଲି ସୋରେନ, ଶିବ ସଏ, ମାଣିକ ଦରା ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ।



ବିସ୍ଥାପିତମାନେ ଧାରଣାରେ ବସିଛନ୍ତି ।

## ମହିଳାଙ୍କ ନିକଟରୁ ସୁନାହାର, ୨୮,୫୦୦ ଟଙ୍କା ଲୁଟ୍

ବିଞ୍ଝାରପୁର,୨୪।୨(ଡି.ଏନ.ଏ)– ଜଣେ ଅସହାୟ ମହିଳା ନିଜ ଶିଶୁପୁତ୍ରର ଚିକିତ୍ସା ପାଇଁ ଟଙ୍କା ଉଠାଣ କରି ବରୀ ବାଲିଆପାଳ– ରତଲାଙ୍ଗ ରାସ୍ତାରେ ଫେରୁଥିଲାବେଳେ ତାଙ୍କ ନିକଟରୁ ଜଣେ ଲୁଟେରା ଟଙ୍କା ଓ ମହିଳା ଜଣକ ପିନ୍ଧିଥିବା ସୁନାଚେନକୁ ଛଡ଼ାଇ ନେଇ ପଳାଇଥିବା ଅଭିଯୋଗ ହୋଇଛି। ବିଞ୍ଝାରପୁର ଥାନା ବରୀ ବ୍ଲକ ଅନ୍ତର୍ଗତ ରତଲାଙ୍ଗ ଗ୍ରାପ ସାମଲ ସାହିର ସୋନାଲି ସାମଲ ସୋମବାର ଅପରାହ୍ନରେ ବାଲିଆପାଳସ୍ଥିତ ଇଣ୍ଡିଆନ ବ୍ୟାଙ୍କରୁ ୨୮,୫୦୦ ଟଙ୍କା ଉଠାଣ କରି ବରୀ ବାଲିଆପାଳ– ରତଲାଙ୍ଗ ରାସ୍ତାରେ ଫେରୁଥିଲାବେଳେ ତାଙ୍କ ନିକଟରୁ ସେହି ପଞ୍ଚାୟତର ରାଜୁ ସାମଲ ଜବରଦସ୍ତ ବେକରୁ ସୁନା ଚେନ ଛିଡାଇବା ସହିତ ହାତରେ ଥିବା ବ୍ୟାଗକୁ ଝମ୍ପିନେଇ ପଳାଇ ଯାଇଥିବା ମହିଳା ଜଣକ ସୋମବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ମିଳିତ ଅଭିଯୋଗ ଶୁଣାଣି, କୃଷି ସମାଧାନ ଶିବିର


ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର।

ଧର୍ମଶାଳା,୨୪।୨(ଡିଏନ୍‌ଏ)

ଧର୍ମଶାଳା ବ୍ଲକ ପରିସରରେ ଯାଜପୁର ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୯ ଅଭିଯୋଗ ହୋଇଥିବାବେଳେ ସେଥିରୁ ମାତ୍ର ୨ଟି ସମୂହ ଅଭିଯୋଗ ହୋଇଥିଲା। ଅଭିଯୋଗ ମଧ୍ୟରୁ ୨୬ଟିର ତତ୍କାଳ ସମାଧାନ କରାଯାଇଥିଲାବେଳେ ୮ଜଣ ଅସହାୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୦ହଜାର ଟଙ୍କା ଦିଆଯାଇଥିଲା। ଶିବିରରେ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ମଙ୍ଗଳ ଅଧିକାରୀ ଚେତନା ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଅରୁଣ କୁମାର ପାତ୍ର, ଜିଲା ଅବକାରୀ ବିଭାଗ ପକ୍ଷରୁ ପ୍ରଶାନ୍ତ ମହାନ୍ତି, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା, ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ମିତା ରଥ, ଧର୍ମଶାଳା କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ସିଡିପିଓ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ପୋଲିସକୁ ଚିଠି ଲେଖିଲେ ଆରଟିଓ

ଯାଜପୁର ଟାଉନ,୨୪।୨(ଡିଏନଏ)

## ପୁଣି ବନ୍ଧା ହେବେ ଦଲାଲ

ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବରରେ ପରିବହନ କାର୍ଯ୍ୟାଳୟ (ଆରଟିଓ)ଗୁଡ଼ିକରୁ ଦଲାଲ ବା ଏଜେଣ୍ଟଙ୍କୁ ହଟାଇଦେବା ପାଇଁ ପଦକ୍ଷେପ ନେଇଥିଲେ। ଏହାଦ୍ୱାରା ଆରଟିଓ କାର୍ଯ୍ୟାଳୟରେ ଜନସାଧାରଣ ପ୍ରଥମେ କିଛିଟା ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ଲୋକେ ସୁବିଧାରେ ସେମାନଙ୍କ କାମ କରିପାରୁଥିଲେ। କିଛିଦିନ ତଳେ ବିଭିନ୍ନ ଆଳରେ ଦଲାଲମାନେ ପୁଣି ଆରଟିଓ ଅଫିସ ପରିସର ଓ ଭିତରକୁ ପଶି ଜନସାଧାରଣଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏହାପରେ ପରିବହନ କମିଶନ ପତ୍ରାଙ୍କ ନଂ. ୧୭୯୭/୭।୨।୨୦୨୦ ଅନୁଯାୟୀ ଚିଠି ଲେଖି କାର୍ଯ୍ୟାଳୟରେ ଦଲାଲ ବା ଏଜେଣ୍ଟଙ୍କ ପ୍ରବେଶ ଉପରେ କଟକଣା ଜାରି କରିଛନ୍ତି। ଏହିକ୍ରମରେ ସୋମବାର ଚିଠି ନଂ. ୩୨୬/୨୪।୨।୨୦୨୦ ମୁତାବକ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ସଚ୍ଚିଦ୍ରନାଥ ପଣ୍ଡା ସ୍ଥାନୀୟ ଥାନାଧିକାରୀଙ୍କୁ ପତ୍ର ଲେଖି ଦଲାଲରାଜ ବନ୍ଦ କରିବା ପାଇଁ ହସ୍ତକ୍ଷେପ ଲୋଡିଥିବା ଜଣାପଡିଛି। ଏହି ଚିଠି ପରେ ପୁଣି ଦଲାଲ ବା ଏଜେଣ୍ଟଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

## ତହସିଲ ପକ୍ଷରୁ ଚଢାଉ: ୮ କ୍ରଶରକୁ ନୋଟିସ

ଧର୍ମଶାଳା,୨୪।୨(ଡିଏନ୍‌ଏ)

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ଓ ବାଘୁଆଠାରେ ଚାଲୁଥିବା ୮ଟି କ୍ରଶରକୁ ସୋମବାର ତହସିଲ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଆରୁହା ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ଓ ବଡକାଏମା ରାଜସ୍ୱ ନିରୀକ୍ଷକ ବିରଞ୍ଚିନାରାୟଣ ବୋଇତେଇଙ୍କ ସହ ରାହାଡପୁର ଓ ବାଘୁଆ ମୌଜାରେ ଚାଲୁଥିବା ୮ଟି କ୍ରଶରକୁ ନୋଟିସ ଜାରି କରିବା ସହ ୭ ଦିନ ମଧ୍ୟରେ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ତହସିଲ ଅଧୀନରେ ୮୫ଟି କ୍ରଶରକୁ ତହସିଲ ପକ୍ଷରୁ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ନୋଟିସ ଜାରି କରାଯାଇଛି।

## ଧର୍ମଶାଳା ତହସିଲରେ ଖୋଲିବ ୪ ନୂତନ ରାଜସ୍ୱ ସର୍କଲ

**ଧର୍ମଶାଳା,୨୪।୨(ଡିଏନ୍‌ଏ):** ରାଜସ୍ୱ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲରେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନୂତନଭାବେ ୪ଟି ରାଜସ୍ୱ ସର୍କଲ ଖୋଲିବା ପାଇଁ ନିର୍ଦ୍ଦେଶ ଆସିଛି। ପୂର୍ବରୁ ଏହି ତହସିଲ ଅଧୀନରେ ୧୧ଟି ରାଜସ୍ୱ ସର୍କଲ ଥିବାବେଳେ ନୂତନ ୪ଟିକୁ ମିଶାଇ ୧୫ଟି ସର୍କଲରେ ପହଞ୍ଚିଛି। ନୂତନ ରାଜସ୍ୱ ସର୍କଲଭାବେ ଚୋରମୁହାଁ, ଜେନାପୁର, କଣ୍ଟିଗଡିଆ ଓ ରେଖିଦେଇପୁରଠାରେ ନୂତନ କାର୍ଯ୍ୟାଳୟ ଖୋଲିବ ବୋଲି ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଧର୍ମଶାଳା ତହସିଲ ପକ୍ଷରୁ ନୂତନ ଭାବେ ୬ଟି ରାଜସ୍ୱ ସର୍କଲ ଖୋଲିବା ପାଇଁ ଦାବି କରାଯାଇଥିଲା।

## ମା' ତାରିଣୀ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ ଧର୍ମଶାଳା, କେନ୍ଦୁଝର

କୋରେଇ,୨୪।୨(ସ୍ୱ.ପ୍ର)- ପାଣିକୋଇଲି ମା' ତାରିଣୀ ଫୁଟବଲ ଆସୋସିଏଶନ ପକ୍ଷରୁ କଲେଜ ଖେଳ ପଡିଆରେ ତ୍ରିଦିବସୀୟ ୧୯ତମ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିନରେ ସୋମବାର କେନ୍ଦୁଝର ବନାମ ଆଳି ମଧରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଟସ ଜିତି ଖେଳ ଆରମ୍ଭ କରିଥିବାବେଳେ ୪-୦ ଗୋଲରେ ଆଳିକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମଧୁସୂଦନ ସାହୁ, ରବିନାରାୟଣ ପଣ୍ଡା, ପଡ଼ିଆ ସୁରକ୍ଷା ମଞ୍ଚ ଆବାହକ ରଘୁନାଥ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଜିତେନ୍ଦ୍ର ପ୍ରସାଦ ବାରିକ, ମନୋରଞ୍ଜନ ବାରିକ ଓ ମାନସ କୁମାର ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବାବେଳେ ଭାଷ୍ୟକାରଭାବେ ଆନନ୍ଦ କୁମାର ରଣା ଓ ଅଜୟ ଧଳ, ସ୍କୋରର ଭାବେ ଶ୍ରୀମନ୍ତ ରାୟ ଯୋଗଦାନ କରିଥିଲେ। ଅନୁଷ୍ଠାନ ସଭାପତି ସୁରେଶ ପଣ୍ଡା, ସମ୍ପାଦକ ନରେନ୍ଦ୍ର ଦାସ, ଅବଦୁଲ ସୟଦ ଖାଁ, ଟିକନ ଦାସ, ବାରିଜ ନୟନ ଦାସ, ଜିତେନ୍ଦ୍ର ବେହେରା, ଜଗବନ୍ଧୁ କବି, ସୌଭାଗ୍ୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମବରଦାରେ ଅଷ୍ଟପ୍ରହର ନାମଯଜ୍ଞ

ରସୁଲପୁର,୨୪।୨(ଡିଏନଏ)

ରସୁଲପୁର ବ୍ଲକ ବ୍ରହ୍ମବରଦା ଅନୁସୂଚୀତ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାରମ୍ପାରିକ ରୀତିନୀତିର ସହ ପାଳିତ ହୋଇଯାଇଛି। ପରୁଷାନୁକ୍ରମେ ପାଳିତ ହୋଇଆସୁଥିବା ଏହି ନାମଯଜ୍ଞକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ପରିବାର ନିଷ୍ଠା ଓ ଧର୍ମୀୟ ଚେତନା ଦେଖାଦେଇଛି। ଘରେ ଆମିଷ ନିଷେଧ କରାଯାଇଛି। ଏଥିସକାଶେ ନାମଯଜ୍ଞ ପୂର୍ବ ଦିବସରେ କୁଣ୍ଡମଣ୍ଡଳ ସ୍ଥାପନ, ଅଙ୍କୁରାପୋଣ କରାଯାଇଥିଲା। ନାମଯଜ୍ଞ ଦିବସରେ କର୍ତ୍ତାଭାବେ ରବୀନ୍ଦ୍ର ଦାସ ସସ୍ତ୍ରୀକ ଓ ଗ୍ରାମବାସୀଙ୍କ ସହଯୋଗରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଟଗୁଡିକୁ ମଣ୍ଡରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପରେ ଦୀପରେ ଅଗ୍ନୀ ସଂଯୋଗ କରାଯାଇ ନାମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନ ମୁଣ୍ଡମାଳ, ସାଲେପୁର, ଗଡମଧୁପୁର,



ରାଏପଡା, ନାଳୀପୁର, କିଆବାଗିଆସାହି, ବାଲିଆପାଳ, ଭାପୁର, ରାମଦାସପୁର, ଏରବାଙ୍ଗ, ରଜକଣା, କର୍ଣ୍ଣିବାଙ୍ଗ, ବରୀ ଆଦି ସ୍ଥାନରୁ ୧୫ଟି ପ୍ରତିଷ୍ଠିତ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ନାମଯଜ୍ଞ ଉତ୍ସବର ଶେଷ ଦିବସରେ ନଗର ପରିକ୍ରମା ଓ ଦଧିଭାଣ୍ଡ ଭଙ୍ଗା ଯାଇଥିଲା। ଗ୍ରାମର ମହିଳାମାନେ ଦଧିଭାଣ୍ଡ ଆଗିକାରୁ ବାହାରିଥିବା କଉଡି, କଣା ପଇସା, ମାଟି ଖପରା ସଂଗ୍ରହ କରି ଘରକୁ ନେଇଥିଲେ। ଏ ସବୁସାମଗ୍ରୀକୁ ଶିଶୁଙ୍କୁ ପିନ୍ଧାଇଲେ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହେ ବୋଲି ବିଶ୍ୱାସ ରହିଛି।

# ବର୍ଷକୁ ପ୍ରାୟ ୨କୋଟି ଟଙ୍କାର ରାଜସ୍ୱ ହାନି

ବିଞ୍ଝାରପୁର,୨୪।୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକରେ ଖରସ୍ରୋତା ନଦୀ ଉପତ୍ୟକା ଏବେ ବାଲି ମାଫିଆଙ୍କ କବ୍‌ଜାକୁ ଚାଲିଯାଇଛି। ବିଞ୍ଝାରପୁର ବ୍ଲକର ଘଣ୍ଟିଆଳିଠାରୁ ଆରମ୍ଭ କରି ବାଙ୍ଗରା ପର୍ଯ୍ୟନ୍ତ ବାଲି ମାଫିଆଙ୍କ କବ୍‌ଜାରେ ରହିଛି ଖରସ୍ରୋତା ନଦୀ ଉପତ୍ୟକା। ବାଲି ମାଫିଆମାନେ ଦୈନିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବାବେଳେ ସମ ପରିମାଣର ରାଜସ୍ୱ ହରାଉଛି ପ୍ରଶାସନ। ବାଲି ମାଫିଆଙ୍କ ଯୋଗୁ ନଦୀବନ୍ଧ ମଧ ବିପଦର କାରଣ ପାଲଟିଛି। ଖବର ମୁତାବକ, ଖରସ୍ରୋତା ନଦୀ ବିଞ୍ଝାରପୁର ତହସିଲର ଶାସନ୍ଦାଠାରୁ ଆରମ୍ଭ କରି ବାଙ୍ଗରା ପର୍ଯ୍ୟନ୍ତ ୩୦ କିମି ବ୍ୟାପୀ ପ୍ରବାହିତ ହେଉଛି। ପୂର୍ବଭଳି ନଦୀ ଚିରସ୍ରୋତା ନ ଥିବାରୁ ଏହି ନଦୀଟି ଏବେ ବାଲି ମାଫିଆଙ୍କୁ ବେଶ୍ ସୁହାଇଛି। ପ୍ରଶାସନ ପକ୍ଷରୁ କେବଳ ଗୌଡସାହି ଓ ବିଞ୍ଝାରପୁରର ୨ଟି ସ୍ଥାନରେ ବାଲି ନିଲାମୀ ଦେଇ ବର୍ଷକୁ ୧୦ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଛି। ହେଲେ ଏହି ୩ଟି ସ୍ଥାନକୁ ବାଦ ଦେଲେ ବାଲି ମାଫିଆମାନେ ଖରସ୍ରୋତା ନଦୀର ୧୭ଟି ସ୍ଥାନରେ ନଦୀବନ୍ଧକୁ ମନଇଚ୍ଛା ଗଡାଣି ରାସ୍ତା ନିର୍ମାଣ କରି ବେଧଡ଼କ ବାଲି ଉଠାଣ ଜାରି ରଖିଛନ୍ତି। ଯଦିଓ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉଛି, ମାତ୍ର ତାହା ଧର୍ମକୁ ଆଖିଠାର ବୋଲି ଅଭିଯୋଗ ହେଉଛି। ଖରସ୍ରୋତାନଦୀର ଘଣ୍ଟିଆଳି, ବାଙ୍କିପାଳ, ବେଲପାଳ, କଲ୍ୟାଣପୁର, ରଣପୁର, କଣ୍ଟିପୁର, ବଗମରା, ରଣପୁର, ମଧୁସୂଦନପୁର, ମଲିପୁର, ଓଳେଇ, ବାଛୋଳ, ସିଂହପୁର, ଚନ୍ଦନପୁର, ଜରୀ, ବାଙ୍ଗରା ଆଦି ସ୍ଥାନରେ ବେଧଡକ ବାଲି ଉଠାଣ ହେଉଥିବା ଦେଖିବାକୁ ମିଳିଛି। ଫଳରେ ପ୍ରଶାସନ ବାର୍ଷିକ ପ୍ରାୟ ୨କୋଟି ଟଙ୍କାର ରାଜସ୍ୱ ହରାଉଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖରସ୍ରୋତା ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବାଲି ମାଫିଆମାନେ ବାଲି ଓ ମାଟି ଲୁଟ କରିବା ପାଇଁ ନଦୀକୁ ଟ୍ରାକ୍ଟର ଓ ଜେସିବି ପ୍ରବେଶ ପାଇଁ ବେଆଇନ ରାସ୍ତା ନିର୍ମାଣ କରି ନଦୀବନ୍ଧକୁ ହାଣି ନଷ୍ଟ କରିଦେବା ମଧ୍ୟ ନଜରକୁ ଆସିଛି । ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ପକ୍ଷରୁ ଅନେକ ସମୟରେ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ତହସିଲଦାର ଅସ୍ମିତା ଦାସଙ୍କୁ ପଚାରିବାରେ, ସେ ମାତ୍ର ସପ୍ତାହ ହେଲା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ଯଦି ଖରସ୍ରୋତା ନଦୀରେ ବେଆଇନ ବାଲି ଉଠାଣ ହେଉଥାଏ ତେବେ ସେ ସମ୍ପର୍କରେ ସରଜମିନ ତଦନ୍ତ କରାଯାଇ ଆଇନ ଅନୁଯାୟୀ ବାଲି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଦାସ କହିଛନ୍ତି।



- ଖରସ୍ରୋତାରୁ ବେଧଡକ ବାଲି ଲୁଟ
- ଗୌଡସାହି ଓ ବିଞ୍ଝାରପୁରର ୨ଟି ସ୍ଥାନରେ ଦିଆଯାଇଛି ବାଲି ନିଲାମୀ
- ଖରସ୍ରୋତା ନଦୀର ୧୭ଟି ସ୍ଥାନରୁ ହେଉଛି ମନଇଚ୍ଛା ବାଲି ଚାଲାଣ



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ

**ଯାଜପୁର ଟାଉନ,୨୪।୨(ଡିଏନଏ):** ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇ ଜଣେ ଛାତ୍ର ତଥା ଧାମନଗର ବ୍ଲକ ଦିହୁଡି ଆନନ୍ଦପୁର ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁଅ ଅଶ୍ୱିନୀ କୁମାର ନାୟକ (୧୮) ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଘରେ ଅଷ୍ଟପ୍ରହରୀ କୀର୍ତ୍ତନ ଥିବାରୁ ସୋମବାର ନଦୀକୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ସକାଳ ୮ଟାରେ ଅଶ୍ୱିନୀଙ୍କ ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅଶ୍ୱିନୀ ରାମବାଗ ରିଜିଓନାଲ କଲେଜର ଯୁକ୍ତ ୨ ପ୍ରଥମ ଶ୍ରେଣୀର ଛାତ୍ର ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ଶିକ୍ଷା ବିଭାଗର ଆଲୋଚନାଚକ୍ର

**ଧର୍ମଶାଳା,୨୪।୨(ଡିଏନ୍ଏ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଆଲୋଚନାଚକ୍ର ଅଧକ୍ଷା ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଗତ ଅଧିକାର ଅଧିନିୟମ-୨୦୦୯ ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଅଧାପକ ରାଜକିଶୋର ଜେନା ଭିତ୍ତି ପ୍ରବନ୍ଧ ପାଠ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେହି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବା ଉଚିତ। ଏଥିରେ ଅଧାପକ ସଚ୍ଚିଦାନନ୍ଦ ପ୍ରଧାନ, ସୁନାକର ଦାସ, ଅଧାପିକା ସସ୍ମିତା ରାଉତରାୟ, ରାଜୀବ ଲୋଚନ ରାଉତ, କୁଞ୍ଜଲତା ରାଉତ, ଶରତଚନ୍ଦ୍ର ପାଣିଗ୍ରାହୀ, ବୃନ୍ଦାବନ ସାହୁ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ତନୁଶ୍ରୀ ସାହୁ, ମୋନାଲିସା ବେହେରା, ଶିବାନୀ ବାରିକ ବିଧି ପ୍ରବନ୍ଧ ପାଠ କରିଥିଲେ।

### କୁକୁଡାଖାଲୀରେ ଅଷ୍ଟପ୍ରହର ନାମଯଜ୍ଞ

**ଚଢ଼େଇଧରା,୨୪।୨(ଡିଏନଏ):** ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଅଧୀନ କୁକୁଡାଖାଲି ଗ୍ରାମରେ ୮୪ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଶୁଭାଧିବାସ ଶୁକ୍ରବାର ନାମଯଜ୍ଞ, ଶନିବାର ନଗରଭ୍ରମଣ ଓ ଦଧିଭାଣ୍ଡ ଭଙ୍ଗା ଯାଇଥିଲା। ଏଥିରେ କର୍ତ୍ତା ଭାବେ ଗ୍ରାମର ଧନେଶ୍ୱର ପରିଡା ଦଧିହାଣ୍ଡି ଭାଙ୍ଗିଥିଲେ। ଏହି ନାମଯଜ୍ଞରେ ସିଆ, ସିଙ୍ଗାପୁର, ତରଞ୍ଜିଆ, ମହିଶରା, ଝାଟିଆପଡା, ପନ୍ତୁରୀ, ଅଣ୍ଟିଆ, ସାତମାଣ, ଗଡମଧୁପୁର, ଗ୍ରାମର ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନରେ ସହଯୋଗ କରିଥିଲେ। ୩ଦିନ ଧରି ଏହି ଅବସରରେ ଆନନ୍ଦ ବଜାର ଖୋଲାଯାଇଥିଲା। ଅଞ୍ଚଳର ବିଶିଷ୍ଟ ପୂଜକ ହରିହର ମିଶ୍ର ମୁଖ୍ୟ ପୂଜକ ଭାବେ ଏହି ନାମଯଜ୍ଞକୁ ସମ୍ପନ୍ନ କରିଥିଲେ। ଏଥିରେ ଗ୍ରାମର ସମସ୍ତ ଆବାଳ ବୃଦ୍ଧ ବନିତା ଯୋଗ ଦେଇଥିଲେ।

# ସ୍ୱପ୍ନ ହୋଇଛି ଶିଳ୍ପାଞ୍ଚଳର ବିକାଶ

**ଯାଜପୁର ଅଫିସ,୨୪।୨**

ଯାଜପୁର ଜିଲା ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଶିଳ୍ପ କାରଖାନାର କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ଦାବି ନେଇ ସୃଷ୍ଟି ହୋଇଥିବା ଅଶାନ୍ତି ଉଗ୍ରରୂପ ନେବାରେ ଲାଗିଛି। ସମ୍ପ୍ରତି ୫ କାରଖାନାରେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଅବ୍ୟାହତ ରହିଛି। ଏହାର ସମାଧାନ ପାଇଁ ଜିଲା ପ୍ରଶାସନ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ପୁଣି ଏକ ବିପଦ ଆଶଙ୍କା କରାଯାଉଛି। ଶିଳ୍ପ ଆସିଲେ ବିକାଶର ଏକ ନୂତନ ଧାରା ସୃଷ୍ଟି ହେବ। ଲୋକଙ୍କ ସମସ୍ତ ମୌଳିକ ସମସ୍ୟାର ସମାଧାନ ହେବ। ପାଠ ପଢୁଆ ବେକାର ଯୁବତୀଯୁବକମାନେ କର୍ମ ସଂସ୍ଥାନ ପାଇ ଆତ୍ମନିର୍ଭରଶୀଳ ହେବେ। ଶିଳ୍ପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନର ବ୍ୟାପକ ବ୍ୟବସ୍ଥା ହେବ ବୋଲି ଯେଉଁ ସ୍ୱପ୍ନ ଏ ଅଞ୍ଚଳର ଲୋକେ ଦେଖିଥିଲେ ଏବେ ତାହା ସମ୍ପୂର୍ଣ୍ଣ ଓଲଟି ଯାଇଛି। ନେତା ରାଜନେତାଠାରୁ ଆରମ୍ଭ କରି ଶିଳ୍ପପତି ଏବଂ ପ୍ରଶାସକମାନେ ଯେଉଁ ଧୂଆଁବାଣ ଦେଇ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିଥିଲେ, ତାର କୁପରିଣାମ ଏବେ ଲୋକଙ୍କୁ ଭୋଗିବାକୁ ପଡୁଛି।

୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଲୋକେ ଶିଳ୍ପାୟନଜନିତ ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରୁ ସେତେଟା ସୁଫଳ ପାଇ ପାରିନାହାନ୍ତି। ବରଂ ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ କ୍ଷତିପୂରଣ ଓ ଥଇଥାନ, ବେଆଇନ ଜମି ଅଧିଗ୍ରହଣ, ପରିବେଶ ଓ ଜଙ୍ଗଲ କ୍ଷୟ, କର୍ମଚାରୀଙ୍କ ପ୍ରାପ୍ୟ ନ ମିଳିବା, କ୍ଷତି ଦର୍ଶାଇ କାରଖାନା ବନ୍ଦ, ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇକରଣ କରିବା ଆଦି ସମସ୍ୟାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଆସୁଛି। ଘରୋଇ ପୁଞ୍ଜି ନିବେଶରେ ଟାଟାଷ୍ଟିଲ ସମେତ ୧୫ରୁ ଊର୍ଦ୍ଧ୍ୱ ଶିଳ୍ପ କାରଖାନା ଓ ସିମେଣ୍ଟ କମ୍ପାନୀଗୁଡିକ କଳିଙ୍ଗନଗରରେ ପାଦ ଥାପିଛନ୍ତି। ହେଲେ ସ୍ଥାନୀୟ ଅଧିକାଂଶ ନିଯୁକ୍ତି ଠିକାରେ ସୀମିତ ରହୁଥିବାବେଳେ ଅଭିଜ୍ଞତାର ଆଳ କରି ବିହାର, ଝାରଖଣ୍ଡ, କୋଲକାତା, ଉତ୍ତରପ୍ରଦେଶ ଆଦି ବିଭିନ୍ନ ରାଜ୍ୟରୁ ଲୋକଙ୍କୁ ଆଣି ସ୍ଥାୟୀ ନିଯୁକ୍ତି ଦିଆଯାଉଛି। ମେସ୍କୋ ଗ୍ରୁପ ପରିଚାଳିତ ମଇଥାନ ଇସ୍ପାତ ଓ ମେସ୍କୋ କାରଖାନା ବନ୍ଦ ପଡିଛି। ଏଥିରେ ଜୀବିକା ହରାଇଥିବା ବିସ୍ଥାପିତ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି। କିନ୍ତୁ କିଛି ସୁଫଳ ମିଳିନାହିଁ।

**ଅଶାନ୍ତ କଳିଙ୍ଗନଗର ଶିଳ୍ପାଞ୍ଚଳ**




- ୫ ଶିଳ୍ପ କାରଖାନାରେ ଚାଲିଛି ଆନ୍ଦୋଳନ
- ବିସ୍ଥାପନ, ଥଇଥାନ, ସ୍ଥାନୀୟ ନିଯୁକ୍ତି, ଦରମା ଆଦି ମୁଖ୍ୟ ପ୍ରସଙ୍ଗ

ସେହିପରି ନୀଳାଚଳ ଇସ୍ପାତ ନିଗମ ଲିଃକୁ ଘରୋଇକରଣ ଘୋଷଣା ହେବା ପରେ କର୍ମଚାରୀଙ୍କ ଆନ୍ଦୋଳନ ୪୫ ଦିନରେ ପହଞ୍ଚିଛି। ସେହିପରି ଟାଟା କାରଖାନା ପାଇଁ ବିସ୍ଥାପିତ ହୋଇଥିବା ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ କ୍ଷତିପୂରଣ ଓ ଥଇଥାନ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଇମାମି ସିମେଣ୍ଟ କାରଖାନାର କ୍ଷତିଗ୍ରସ୍ତ ପ୍ରଜା ସ୍ଥାନୀୟ ନିଯୁକ୍ତି ଦାବିରେ ଏକାଧିକ ଥର ଆନ୍ଦୋଳନକୁ ଓହ୍ଲାଇ ବିଫଳ ହୋଇଛନ୍ତି। ଏହି କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବେ ଅଶାନ୍ତ ହେବାକୁ ବସିଛି। ପ୍ରଶାସନ ବି ଆଦିବାସୀ ଅଞ୍ଚଳର ଉନ୍ନୟନ କଥା ଭୁଲିଗଲା। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ବିଭିନ୍ନ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ ହେବା କଥା। ତାହା ମଧ୍ୟ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଲା ନାହିଁ। ଫଳରେ ଶିଳ୍ପାଞ୍ଚଳର ରାସ୍ତାଘାଟ, ଶିକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟ ପ୍ରଭୃତି ମୌଳିକ ସୁବିଧା ଯେଉଁଠିକୁ ସେଇଠି ରହିଗଲା। ଆଜି ଶତାଧିକ ଗ୍ରାମକୁ ରାସ୍ତା ସଂଯୋଗ ହୋଇ ନ ପାରିବା ଏହାର ଜ୍ୱଳନ୍ତ ଉଦାହରଣ ହୋଇଥିବାବେଳେ ନଗଡା ଜିଲା ବିକାଶ ଦୃଢୋକ୍ତିର ମୁଖା ଖୋଲି ଦେଇଛି। କେବଳ ଶିଳ୍ପ କାରାଖାନା ସୃଷ୍ଟି ହେବା ଦିନଠାରୁ ବିଭିନ୍ନ ମାଧ୍ୟମରେ କମ୍ପାନୀ ମାଲିକ ଫାଇଦା ହାସଲ କରିବାକୁ ଲାଗି ପଡିଛନ୍ତି। ଏଥିପାଇଁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଉଥିଲେ ବି ସରକାରଙ୍କର ଚିନ୍ତା ନାହିଁ। ବିଶେଷ କରି ଶିଳ୍ପ ପ୍ରତିଷ୍ଠାନର ପ୍ରଦୂଷଣରେ କୃଷକଙ୍କର ଏକମାତ୍ର ସମ୍ବଳ ଜମି ଚାଷ ଅନୁପଯୋଗୀ ହେଉଥିଲେ ସୁଦ୍ଧା ସରକାରଙ୍କ ଉପରେ କୌଣସି ଫରକ ପଡୁନାହିଁ। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କୁ ପଚାରିବାରେ, ଶିଳ୍ପ ସମସ୍ୟାର ସମାଧାନ ପାଇଁ ନିୟମ ଅନୁସାରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ କୌଣସି ଅବହେଳା କରାଯାଉ ନାହିଁ ବୋଲି କହିଛନ୍ତି।

### ଟ୍ରକ-ଟ୍ୟାଙ୍କର ମୁହାଁମୁହିଁ ଧକ୍କା: ୨ ଚାଳକ ଗୁରୁତର

**ଧର୍ମଶାଳା,୨୪।୨(ଡିଏନ୍ଏ)**

ଧର୍ମଶାଳା ଥାନା ୫୩ ନଂ. ଜାତୀୟ ରାଜପଥ ଆରୁହା ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ୧୨ ଚକିଆ ଟ୍ରକ ସହିତ କିରୋସିନ ବୋଝେଇ ଟ୍ୟାଙ୍କରର ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଛନ୍ତି। ଧକ୍କା ଏତେ ଜୋରରେ ହୋଇଥିଲା ଯେ ଉଭୟ ଟ୍ରକ ଡ୍ରାଇଭର ଗାଡିରେ ଚାପି ହୋଇ ରହିଯାଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ଉଭୟ ଡ୍ରାଇଭରଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆହତ ଦ୍ୱୟ ହେଲେ ଟ୍ୟାଙ୍କର ଡ୍ରାଇଭର ଜେନାପୁର ଥାନା ସୁକୁଟିଝର ଗ୍ରାମର ବିଜୟ କୁମାର କେଶରୀ ଓ ୧୦ ଚକିଆ ଟ୍ରକ ଡ୍ରାଇଭର କେନ୍ଦୁଝର ଜିଲା ହରିଚନ୍ଦନପୁର ଗ୍ରାମର ଅଜୟ କୁମାର ଗିରି ବୋଲି ଜଣାପଡିଛି। ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଠିକାସଂସ୍ଥା ସହପରିଚାଳକ ଗିରଫ

**କାଳିଆପାଣି,୨୪।୨(ଡିଏନଏ)**

ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ଗ୍ରାମର ଜଣେ ମହିଳା ଶ୍ରମିକଙ୍କୁ ବଳାତ୍କାର କରିବା ଅଭିଯୋଗରେ ସୋମବାର ଅଭିଯୁକ୍ତଙ୍କୁ ସୁକିନ୍ଦା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣକ ଅନୁଗୋଳ-ସୁକିନ୍ଦା-ଢୁବୁରୀ ରେଳପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ଠିକାସଂସ୍ଥାର ସହପରିଚାଳକ ବିକେନି ବୀରଭଦ୍ରା ରାଓ ବୋଲି ଜଣାପଡ଼ିଛି। ଯାଜପୁର ଡିଏସ୍‌ପି ନାରାୟଣ ବାରିକ ପିଡ଼ିତାଙ୍କ ଘରକୁ ଯାଇ ତଦନ୍ତ କରଛନ୍ତି। ପ୍ରକାଶ ଯେ, ବନ୍ଧଗାଁ ଗ୍ରାମର ଜଣେ ବିଧବା ଉକ୍ତ ଠିକାସଂସ୍ଥାର ଗେଷ୍ଟହାଉସ୍‌ରେ ଝାଡୁଦାର ଓ ଉଚ୍ଚ ଅଧିକାରୀଙ୍କ ଲୁଗାପଟା ଏବଂ ବାସନ ସଫା କରିଥାନ୍ତି। ଠିକାସଂସ୍ଥା ପକ୍ଷରୁ ଏଥିପାଇଁ ତାଙ୍କୁ ପାରିଶ୍ରମିକଭାବେ ମାସକୁ ୫ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ମାତ୍ର ଅନେକ ସମୟରେ ତାଙ୍କୁ ଠିକାସଂସ୍ଥାର ସହପରିଚାଳକ ରାଓ ଠିକ୍ ସମୟରେ ଅର୍ଥ ନ ଦେଇ ଅଙ୍ଗ ପ୍ରଦର୍ଶନ ପାଇଁ ବାଧ କରୁଥିବା ଓ ଚାକିରିରୁ ବାହାର କରିଦେବାକୁ ଧମକ ଦେଇ ବଳାତ୍କାର କରିଥିବା ସମ୍ପର୍କରେ ରବିବାର ରାତିରେ ମହିଳା ଜଣକ ଥାନାରେ ଏତଲା ଦେଇଥିଲେ। ସୁକିନ୍ଦା ପୋଲିସ ଏ ନେଇ ଏକ ମାମଲା (ନଂ-୩୨/୨୦) ରୁଜୁ କରି ରାତିରେ ଉକ୍ତ ଗେଷ୍ଟ ହାଉସ୍ ଉପରେ ଚଢ଼ାଉ କରି ରାଓଙ୍କୁ ଗିରଫ କରିଥିଲା। ତଦନ୍ତ ଅଧିକାରୀ ଯାଜପୁର ଡିଏସପି ବାରିକ ସୋମବାର ଠିକାସଂସ୍ଥାର ମୁଖ୍ୟ ପରିଚାଳକ ରାଜେଶ ପଟେଲ୍‌ଙ୍କୁ ଭେଟି ଭଦ୍ରାଙ୍କ ସମ୍ପର୍କରେ ପଚାରି ବୁଝିବା ସହ ଗେଷ୍ଟ ହାଉସ୍‌କୁ ସିଲ କରିଦେଇଛନ୍ତି। ଡିଏସପି ବାରକ ମହିଳାଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟି ପଚାରିଉଚରା ଚଳାଇଥିବା ଜଣାପଡିଛି। ରାଓଙ୍କ ଦୋଷ ଲୁଚାଇବାକୁ ମାମଲା ରଫାଦଫା କରିବା ପାଇଁ ତାଙ୍କୁ ଧମକ ଦିଆଯାଉଥିବା ଅଭିଯୋଗକାରିଣୀ କହିବା ସହ ଜିଲା ପୋଲିସକୁ ସୁରକ୍ଷା ଭିକ୍ଷା କରିଛନ୍ତି। ତେବେ ନିରପେକ୍ଷ ଭାବେ ଏହି ଘଟଣାର ତଦନ୍ତ ଚାଲିଛି। ଦୋଷୀଙ୍କୁ ଉଚିତ ଦଣ୍ଡ ମିଳିବ ବୋଲି ଡିଏସପି ବାରିକ୍ କହିଛନ୍ତି।



ଗେଷ୍ଟ ହାଉସ୍‌ରେ ପହଞ୍ଚି ପୋଲିସ ଘଟଣାର ତଦନ୍ତ କରୁଛି।

**ମହିଳା ଶ୍ରମିକଙ୍କୁ ବଳାତ୍କାର ମାମଲା**
- ଗେଷ୍ଟ ହାଉସ ସିଲ୍

### ୧୯୮୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବୃକ୍ଷରୋପଣ

**ସିଂହପୁର,୨୪।୨(ଡିଏନଏ)**

ସିଂହପୁର ନିକଟବର୍ତ୍ତୀ ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାଭବନ ୧୯୮୨ ବ୍ୟାଚ ଛାତ୍ରୀଛାତ୍ରଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଗୋବିନ୍ଦପୁର ଗାନ୍ଧୀ ମେମୋରିଆଲ କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଗୋଦାବରୀଶ ବିଦ୍ୟାଭବନର ୧୯୮୨ ବ୍ୟାଚର ଛାତ୍ରୀଛାତ୍ରମାନେ କଲେଜ କିପରି ଉନ୍ନତି ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୃକ୍ଷରୋପଣ ଓ ଆଲୋଚନା ବୈଠକରେ ପୁରାତନ ଛାତ୍ର ପ୍ରଦୀପ ପ୍ରଧାନ, ଶ୍ରୀଧର ସାହୁ, ଉମେଶ ନାୟକ, ଅଟଳ ବିହାରୀ ରାଉତରାଏ, ଧନେଶ୍ୱର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ମଙ୍ଗଳା ମନ୍ଦିର ବିଗ୍ରହ ପ୍ରତିଷ୍ଠା ଯଜ୍ଞୋତ୍ସବ

**ଜେନାପୁର,୨୪।୨(ଡିଏନଏ)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଶ୍ୟାମସୁନ୍ଦରପୁର ଗ୍ରାମରେ ଥିବା ଶ୍ୟାମେଶ୍ୱର ମନ୍ଦିର ପରିସରରେ ମା' ମଙ୍ଗଳା ମନ୍ଦିର ବିଗ୍ରହ ପ୍ରତିଷ୍ଠା ଯଜ୍ଞୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ କାର୍ଯ୍ୟସୂଚୀ ଅନୁଯାଇ ମା'ଙ୍କ ବିଧି ଅନୁସାରେ ୧ମ ଦିବସରେ ଅଙ୍କୁରାରୋପଣ, ୨ଦିବସରେ କଳସଯାତ୍ରା, ୩ୟ ଦିବସରେ ଗୋପୂଜା, ଗୁରୁପୂଜା, ସୂର୍ଯ୍ୟ ପୂଜା, ଯଜ୍ଞ କର୍ମ ଓ ବିଗ୍ରହ ପ୍ରତିଷ୍ଠା ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହେବ। ବୁଧବାର ମନ୍ଦିର ପ୍ରତିଷ୍ଠା, ମନ୍ଦିର ପ୍ରବେଶ ମା' ମଙ୍ଗଳାଙ୍କର ନବଯୌବନ ଦର୍ଶନ ଓ ପୂର୍ଣ୍ଣାହୁତି କରାଯିବାର ବିଶେଷ କର୍ଯ୍ୟକ୍ରମ ରହିଛି।

## 'ବ୍ୟକ୍ତି ନୁହେଁ, ଅନୁଷ୍ଠାନ ଥିଲେ ବେଣୁ ସାର୍'

**ରସୁଲପୁର,୨୪।୨(ଡିଏନଏ)**

**ସ୍ୱର୍ଗତ ବେଣୁଧର ରାଉତଙ୍କ ସ୍ମୃତିଚାରଣ ସଭା**

ମିର୍ଜାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବେଣୁଧର ରାଉତଙ୍କ ଏକାଦଶାହ ଅବସରରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଣୁ ସାର୍ ନିଜକୁ ବ୍ୟକ୍ତିରୁ ଅନୁଷ୍ଠାନରେ ରୂପାନ୍ତର କରିଥିଲେ। ଜଣେ ଶିକ୍ଷକଭାବେ ଶିକ୍ଷାନୁଷ୍ଠାନର ଉନ୍ନତି ତଥା ଗ୍ରାମବାସୀଭାବେ ଗାଁରେ ସର୍ବାଙ୍ଗୀନ ବିକାଶରେ ସେ ଯେପରି ଭୂମିକା ନିର୍ବାହ କରିଥିଲେ ସେସବୁ ତାଙ୍କୁ ବ୍ୟକ୍ତିରୁ ଅନୁଷ୍ଠାନରେ ପରିଣତ କରିଥିଲା ବୋଲି ଏହି ଅବସରରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ପ୍ରଣବ ବଳବନ୍ତରାୟ ମତ ପ୍ରକାଶ କରିଛନ୍ତି। ସ୍ୱର୍ଗତ ରାଉତଙ୍କ ମୃତ୍ୟୁର ଏକାଦଶାହ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାକୁ ତାଙ୍କ ଭାତୃତୁଲ୍ୟ ବାଲ୍ୟସାଥି କୈଳାସ ଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲେ। ମଧୁବନ ହାଇସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ବେଣୁଧର ଦୋବାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର କର, ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷା ସାରତି ଜେନା ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ମୃତକଙ୍କ ସହକର୍ମୀ ଶିକ୍ଷକ ନିତ୍ୟାନନ୍ଦ ପଣ୍ଡା, ପୂର୍ବତନ ସରପଞ୍ଚ ମୋହିଉଦ୍ଦିନ ମହମ୍ମଦ, ଚନ୍ଦ୍ରମଣି ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ସାଥି ଘନଶ୍ୟାମ ସିଂହ, ବଟକୃଷ୍ଣ ପଣ୍ଡା, ବିଶ୍ୱଜିତ୍ ମହାନ୍ତି, ବୋହୂ ପୁଷ୍ପାଞ୍ଜଳି ପରିଡ଼ା, ଖବରଦାତା ଦେବୀ ପ୍ରସନ୍ନ ନାୟକ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭା ଆରମ୍ଭରେ ଚାରଣ ଗୋଷ୍ଠୀ ପକ୍ଷରୁ ଭରତ ଓ ପଦ୍ମାବତୀ ନାଥ ଭଗବତ୍ ଗୀତା, ଶିକ୍ଷକ ବୃନ୍ଦାବନ ପାଣି ବେଦ, ନିୟାମତ୍ ଅଲ୍ଲୀ କାଁ ପବିତ୍ର କରୋନ୍ ଓ ପ୍ରଦୀପ ସାମଲ ଭାଗବତ ପାଠ କରିଥିଲେ। ସଭା ପରେ ଗାୟକ ପୀତବାସ କର ଓ ତାଙ୍କର ସାଥି ଭଜନ ପରିବେଷଣ କରିଥିଲେ।




ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

## ପାନପେଣ୍ଠକୁ ହରାଇ ନଛିପୁର ଚାମ୍ପିୟନ

**ସିଂହପୁର,୨୪।୨(ଡିଏନଏ)**

ସିଂହପୁର ନିକଟବର୍ତ୍ତୀ ହଦୁଆ ଗ୍ରମରେ ରବିବାର ଦିବାରାତ୍ରୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ପ୍ରଥମେ ପାନପେଣ୍ଠ ଟିମ ବ୍ୟାଟିଂ କରି ୧୦ ଓଭରରେ ୫୫ରନ ସଂଗ୍ରହ କରିଥିଲା। ଜବାବରେ ନଛିପୁର ସ୍ପୋର୍ଟିଂ କ୍ଲବ ମାତ୍ର ୮ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁଆଣିଆ ସରପଞ୍ଚଙ୍କ ପ୍ରତିନିଧି ଯୁବନେତା ସୁବ୍ରତ ନାୟକ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସମିତି ସଭ୍ୟାଙ୍କ ପ୍ରତିନିଧି ସନାତନ ମଲିକ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅତିଥିଭାବେ ନୃସିଂହ ଚରଣ ସାମଲ, ଆକୁଳି ଚରଣ ଥାଟୋଇ, ଈଶ୍ୱର ଚନ୍ଦ୍ର ଥାଟୋଇ, କୃତିବାସ ପ୍ରଧାନ, ଗୌରାଙ୍ଗ ପ୍ରଧାନ ଦାମୋଦର ସାମଲ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ହଦୁଆ ନୀଳମାଧବ କ୍ରିକେଟ କ୍ଲବର ସଦସ୍ୟ ଜିତେନ୍ଦ୍ର ସାମଲ, ପ୍ରଶାନ୍ତ ଥାଟୋଇ, ବିକାଶ ସାମଲ, ସରୋଜ ସାମଲ, ସୁଶାନ୍ତ ଥାଟୋଇ, ଦେବାଶିଷ ସାମଲ, ମାନସ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଇଜ୍‌ତେମା ସମ୍ମିଳନୀ ପାଇଁ ଶାନ୍ତି କମିଟି ବୈଠକ

**ଯାଜପୁର ଟାଉନ,୨୪।୨(ଡିଏନଏ)**

ଯାଜପୁର ଜିଲା ବାଳାଶ୍ରମ ପଡ଼ିଆରେ ଆସନ୍ତା ୨୯ ଓ ମାର୍ଚ୍ଚ ୧ ତାରିଖ ୨ଦିନ ଧରି ଆୟୋଜିତ ହେବାକୁ ଯାଉଛି ମୁସଲମାନଙ୍କ ଧର୍ମ ସମ୍ମିଳନୀ ଇଜ୍‌ତେମା। ଏହାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅଧକ୍ଷତା କରି ଇଜ୍‌ତେମାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ବିଭାଗକୁ ବିବିଧ ଦାୟିତ୍ୱ ଦିଆଯାଇଛି। ବିଦ୍ୟୁତ, ପାନୀୟ ଜଳ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗମନାଗମନ ଓ ରାସ୍ତାଘାଟ ମରାମତି, ଆଇନ ଶୃଙ୍ଖଳତା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ସହର ଓ ବାଳାଶ୍ରମ ପଡିଆକୁ ସ୍ୱଚ୍ଛ ରଖିବା ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ ଓ ନିୟନ୍ତ୍ରିତ କରିବାକୁ ନାୟକ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମବରଦା ଓ ବାଳାଶ୍ରମ ପଡିଆରେ ଏକ ସମୟରେ ଏହି ସମ୍ମିଳନୀ ଆୟୋଜନ ହେଉଥିବାରୁ ଏହାକୁ ଠିକ୍ ଭାବେ ପରିଚାଳନା କରିବା ଏକ ବଡ ଆହ୍ୱାନ। ଏହି ସମ୍ମିଳନୀକୁ ସଫଳ କରିବାକୁ ଏକ କମିଟି ଗଠନ କରାଯାଇଛି ବୋଲି ଇଜ୍‌ତେମା କମିଟି ସଭାପତି କର୍ଣ୍ଣାଟ କେଶରୀ ଦାସ ସୂଚନା ଦେବାସହ ଏକାଧିକବାର ଶାନ୍ତି କମିଟିର ସଦସ୍ୟ ଓ ଅନ୍ୟାନ୍ୟ ବର୍ଗର ବ୍ୟକ୍ତିବିଶେଷ ମାନଙ୍କର ମତାମତ ନିଆଯାଇ କାର୍ଯ୍ୟସୂଚୀ କରାଯାଇଛି ବୋଲି କହିଥିଲେ। ଆସନ୍ତା ୨୮ ତାରିଖ ଅପରାହ୍ନରେ ସମ୍ମିଳନୀ ପାଇଁ ଏକ ବିରାଟ ପଟୁଆର ସହର ପରିକ୍ରମା କରି ଭାଇଚାରାର ନିଦର୍ଶନ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି ବୋଲି ଦାସ କହିଥିଲେ। ସେହିପରି ବିଭିନ୍ନ ବର୍ଗରୁ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି, ଯେଉଁମାନେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଇତ୍ୟାଦିରେ ସହଯୋଗ କରିବେ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରବୀନ୍ଦ୍ର ଜେନା, ଯାଜପୁର ଥାନା ଆଇଆଇସି ଆଶିଷ ସାହୁ, ସଦର ଆଇଆଇସି ବଂଶୀଧର ବେହେରା, ଏଏସଆଇ ମାନସ ଚକ୍ର , ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶାନ୍ତିକମିଟିର ସଦସ୍ୟ ଦିଗମ୍ବର କର, ବଟକୃଷ୍ଣ ମହାପାତ୍ର, ସନ୍ତୋଷ କୁମାର ମଲ୍ଲିକ, ବଳଭଦ୍ର ଦାସ, ମହମ୍ମଦ ସହରାଉଦ୍ଦିନ, ସେକ୍ ନିଜାମୁଦ୍ଦିନ୍, ସେକ ଅବଦୁଲ ସାଜିଦ ପ୍ରମୁଖ ଯୋଗ ଦେଇଥିଲେ।



ଶାନ୍ତି କମିଟି ବୈଠକରେ ଉପସ୍ଥିତ ଅତିଥି।

## ନୀଳପଥର ଉପରେ ମାଫିଆଙ୍କ ନଜର

**କାଳିଆପାଣି,୨୪।୨(ଡିଏନ୍ଏ)**

ବିଶ୍ୱରେ କ୍ରୋମାଇଟ ଉତ୍ପାଦନରେ ଏକ ନମ୍ବର ରହିଥିବା ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ ଆଉ ଏକ ମୂଲ୍ୟବାନ ନୀଳ ପଥର ବେଧଡ଼କଭାବେ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଯାଜପୁର ଓ କେନ୍ଦୁଝର ଜିଲା ସୀମାନ୍ତ ଦୈତାରୀ ସଂରକ୍ଷିତ ଜଙ୍ଗଲ ଟିକରପଡ଼ା ଗ୍ରାମ ନିକଟ ପାହାଡ଼ରେ ଏହି ନୀଳ ପଥର ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘବର୍ଷ ହେବ ଏହି ମୂଲ୍ୟବାନ ପଥରକୁ ଚୋରା ପଥର ମାଫିଆମାନେ ବେଧଡ଼କଭାବେ ରାଜ୍ୟ ବାହାରକୁ ଚୋରାଚାଲାଣ କରୁଥିବାବେଳେ ଏବେ ଏହାର ପରିମାଣ ବଢ଼ିବାରେ ଲାଗିଛି। ଟିକରପଡ଼ା ଗ୍ରାମ ୨୦୦୮ ମସିହାରେ ମାଓ ଉପଦ୍ରବ ଅଞ୍ଚଳଭାବେ ପରିଚିତ ରହିଥିଲା। କଅଁସ ପଞ୍ଚାୟତର ଏହି ପାହାଡ଼ ଘେରା ଗ୍ରାମକୁ କାହାର ଯାତାୟାତ ରହୁ ନ ଥିବାବେଳେ ନିକଟ ପାହାଡ଼ରେ ନୀଳପଥର ବହୁଳଭାବେ ମିଳୁଛି। ଆଦିବାସୀ ବହୁଳ ଏହି ପାହାଡ଼ିଆ ଅଞ୍ଚଳରେ ଜନସାଧାରଣଙ୍କ ଯାତାୟାତ ଖୁବ କମ୍ ହୋଇଥାଏ। ଏହାର ସୁଯୋଗ ନେଇ ଚୋରା ପଥର ମାଫିଆ ସହଜରେ ପଥର ଚାଲାଣ କରିଚାଲିଛନ୍ତି। କାଳିଆପାଣି ଥାନା ଅଧୀନରେ ଟିକରପଡ଼ା ଗ୍ରାମ ଯାଉଥିବାବେଳେ ଟମକା ବନାଞ୍ଚଳର ବନପାଳ ଓ ବନରକ୍ଷୀମାନେ ଯାତାୟାତ କରିଥାନ୍ତି। ଏହାସତ୍ତ୍ୱେ ଦୀର୍ଘଦିନ ଧରି ଏହି ଚୋରାଚାଲାଣ ଚାଲିଆସୁଥିଲେ ମଧ ବନ ବିଭାଗ କୌଣସି ସୁରାକ ନ ପାଇବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସେହିଗ୍ରାମରେ ବସବାସ କରୁଥିବା ନିରିହ ଆଦିବାସୀଙ୍କୁ ଲୋଭ ଦେଖାଇ ପଥର ଝୁଡ଼ିକୁ ୫୦ ଟଙ୍କାରେ ମାଫିଆମାନେ ସଂଗ୍ରହ କରିଥାନ୍ତି। ବନ ଭିତରେ ରହିଥିବା ଏହି ପଥର ସଂଗ୍ରହ ଓ ଖୋଳିବାକୁ ଆଦିବାସୀଙ୍କୁ କାମରେ ଲଗାଇ ସେମାନେ ଲକ୍ଷ ଲକ୍ଷ ଟଙ୍କାର କାରବାର କରୁଛନ୍ତି। ଟମକା ଓ କାଳିଆପାଣି ଥାନା ସୀମାରେ ଏହି ପାହାଡ଼ ରହିଥିବାରୁ କୌଣସି ଥାନା ଏଥିପ୍ରତି ଧ୍ୟାନ ଦେଉ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପଥର ବିଷୟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅନଭିଜ୍ଞ ଥିବାବେଳେ ସାଧାରଣ ପଥର ପରି ଦେଖାଯାଉଥିବାରୁ ଏହି ପଥରକୁ ଆଦିବାସୀମାନେ ବାଡ଼େଇ ଝୁଡ଼ି ପ୍ରତି ୫୦ ଟଙ୍କା ପାରିଶ୍ରମିକ ନେଇଥାନ୍ତି। ଏହି କାରବାରରେ ଏକ ବଡ଼ ଆନ୍ତଃରାଜ୍ୟ ର୍ୟାକେଟ କାମ କରୁଥିବା ଶୁଣିବାକୁ ମିଳୁଛି। ବନ ବିଭାଗ ଓ ରାଜସ୍ୱ ବିଭାଗ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ବସିଥିବା ଦେଖିବାକୁ ମିଳିଛି। ଯଦି ଖଣିଜ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରଶାସନ ଏହି ପଥର କ'ଣ ଓ କେଉଁ ଧାତୁ ବୋଲି ଚିହ୍ନଟ କରିପାରନ୍ତେ ତେବେ ରାଜ୍ୟ ରାଜକୋଷକୁ ବହୁ ଅର୍ଥ ମିଳିପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ନେଇ ରାଜସ୍ୱ ବିଭାଗ ନିକଟରେ କୌଣସି ଉତ୍ତର ନ ଥିବାବେଳେ ବନ ବିଭାଗ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।



- ବେଧଡ଼କଭାବେ ରାଜ୍ୟ ବାହାରକୁ ହେଉଛି ଚୋରା ଚାଲାଣ
- ବନ ବିଭାଗ ସବୁ ଜାଣି ଅଜଣା

## ସଂକ୍ଷେପରେ

### ଜଳାଶୟ ଜମିରେ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**କୁଜଙ୍ଗ,୨୪।୨(ଡି.ଏନ.ଏ.):** କୁଜଙ୍ଗ ଥାନା ଅଧୀନ ଚଟୁଆ ରାଜସ୍ୱ ଗ୍ରାମର ଏକ ଜଳାଶୟ ଜମିରେ ଜଣେ ବ୍ୟକ୍ତିଙ୍କ ୩ ପୁଅ ଗୃହ ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି। ଏକଥା ଜାଣିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ସମ୍ପୃକ୍ତ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଏପରିକି ସମ୍ପୃକ୍ତ ବ୍ୟକ୍ତିଙ୍କ ପୁଅମାନେ ଘରକାମ କରିବାକୁ ମାଟି ଖୋଳିଥିଲେ ମଧ୍ୟ ଗ୍ରାମବାସୀ ତାହାକୁ ପୋତି ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଚଟୁଆ ରାଜସ୍ୱ ଗ୍ରାମର ଶାବକ ପ୍ଲଟ ନଂ. ୬୧୦ ଓ ଖାତା ନଂ. ୨୧୦ରେ ୧୩ ଡେସିମିଲ ଜାଗା ରକ୍ଷିତ ଅଛି। ସେଥିରୁ ସେହି ଗ୍ରାମର ଜଣେ ବ୍ୟକ୍ତି ଚଞ୍ଚକତା କରି ୪ ଡେସିମିଲି ଯାଗାକୁ ନିଜ ନାମରେ ରେକର୍ଡ କରାଇ ନେଇଥିଲେ। ଯାହାକି ଗ୍ରାମବାସୀ ତା'ର ଟେର ପାଇ ପାରିନାହାନ୍ତି। ଜାଗା କରି ନେଇଥିବା ବ୍ୟକ୍ତିଙ୍କ ମୃତ୍ୟୁପରେ ଏବେ ତାଙ୍କ ୩ ପୁଅ ସେହିସ୍ଥାନରେ ଗୃହନିର୍ମାଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏବେ ଗ୍ରାମବାସୀ ଜାଣିବାକୁ ପାଇଲେ ଯେ, ସମ୍ପୃକ୍ତ ବ୍ୟକ୍ତି ଏହି ଜମିକୁ ତାଙ୍କ ନାମରେ କରି ନେଇଛନ୍ତି। ତେଣୁ ସରକାରୀ ରକ୍ଷିତ ଜଳାଶୟ ଜାଗାରୁ ବେଆଇନଭାବେ ରେକର୍ଡଭୁକ୍ତ ହୋଇଥିବା ୪ ଡେସିମିଲି ଜମିକୁ ରଦ୍ଦକରି ପୂର୍ବ ସ୍ଥିତାବସ୍ଥାକୁ ଫେରାଇ ଆଣିବା ପାଇଁ ଗ୍ରାମର ଧୀରେନ୍ଦ୍ର ପରିଡ଼ା, ଅକ୍ଷୟ ସାମଲ, ବସନ୍ତ ପରିଡ଼ା ଓ ଗୋବିନ୍ଦ ପରିଡା ଉଚ୍ଚ ନ୍ୟାୟଳୟରେ ଏକ ରିଟ ପିଟିସନ ଦାଖଲ କରିଛନ୍ତି।

### ଚୋରା କାଠ ଜବତ

**ଏରସମା, ୨୪।୨ (ସ୍ୱ.ପ୍ର.):** ଏରସମା ଥାନା ଅଧୀନ କୁଞ୍ଜକୋଠି ପଞ୍ଚାୟତସ୍ଥିତ କନାଗୁଳି ଗ୍ରାମର ଏକ ସରକାରୀ ଜମିରୁ ବେଆଇନ ଭାବରେ ଗଛ କାଟି ନେଉଥିବା ବେଳେ ସୋମବାର ଜପା ରାଜସ୍ୱ ନିରୀକ୍ଷକ ୧୪ଟି ଗଡ଼ ଜବତ କରିଛନ୍ତି। କନାଗୁଳି ଗ୍ରାମରେ ଥିବା ଏକ ସରକାରୀ ଜମିରେ ଦୀର୍ଘ ୪୦ବର୍ଷ ହେଲା ରହିଥିବା ଆକାଶିଆ ଗଛକୁ କନାଗୁଳିର ଗ୍ରାମର ପ୍ରକାଶ ଦାସ କାଟି ଦେଇଥିଲେ। ଏ ନେଇ କନାଗୁଳି ଗ୍ରାମର ବଂଶୀଧର ଦାସ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ (ଆରଆଇ) ଉପେନ୍ଦ୍ର ବେହେରା ଘଟଣାସ୍ଥଳକୁ ଯାଇ ୧୪ଟି ଗଡ଼ ଜବତ କରି ନଳପାହୀ ଗ୍ରାମର ୱାର୍ଡସଭ୍ୟଙ୍କ ଜିମା ଦେଇଥିଲେ। ଏ ସମ୍ପର୍କରେ ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କୁ ପଚାରିବାରେ ବେଆଇନ କାଠ ଜବତ କରାଯାଇଛି, ସେ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଏରସମା ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରେ ସୁଯୋଗ ନେଇ କାଠ ମାଫିଆମାନେ ଖୁଲମଖୁଲା କାଠ ଚୋରା ଚାଲାଣ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ମା' ବନ୍ଦରେଇ ଉନ୍ନୟନ ପରିଷଦର ସାଧାରଣ ବୈଠକ

**ବାଲିକୁଦା,୨୪।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତର ମା'ବନ୍ଦରେଇଙ୍କ ପୀଠରେ ମା' ବନ୍ଦରେଇ ଉନ୍ନୟନ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ବାର୍ଷିକ ଉତ୍ସବ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଡା. ଅଜୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ମା'ଙ୍କ ପୀଠର ଉନ୍ନତୀକଳ୍ପେ ଆଲୋଚନା କରିଥିଲେ। ପରିଷଦ ସମ୍ପାଦକ ସୋହିତ ସ୍ୱାଇଁ ମା'ଙ୍କ ମନ୍ଦିରରେ ବିଗତ ଦିନରେ ହୋଇଥିବା ଉନ୍ନତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ମା'ଙ୍କ ପୀଠରେ ହେବାକୁଥିବା ଉତ୍ସବର ରୂପରେଖ ଓ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କାମିନିପ୍ରଭା ସ୍ୱାଇଁଙ୍କୁ ଉପସଭାପତି, ସହସମ୍ପାଦକଭାବେ ଭରତ କାଣ୍ଡି, କୋଷାଧ୍ୟକ୍ଷ ଯୋଗେଶ ବେହେରା, ସହସଂଯୋଜକ ପବନୀ ପଲାଇ ଓ ଦିବାକର ସେନାପତିଙ୍କୁ ମନୋନୟନ କରାଯାଇଥିଲା। କମିଟିର ପଞ୍ଜୀକରଣ, ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା। ଅଜୟ ମହାନ୍ତି, ଶଶିକାନ୍ତ ବେହେରା, ସଞ୍ଜୟ ବେହେରା, ନିରଞ୍ଜନ ସ୍ୱାଇଁ, ସୁଧୀର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଦେଇଥିଲେ।

# ୮ ଅଧ୍ୟାପକ, ୬ ଲ୍ୟାବ୍ ଆସିଷ୍ଟାଣ୍ଟ ପଦବୀ ଖାଲି

**ସରକାରୀ ପଲିଟେକ୍‌ନିକ୍ କଲେଜ**




■ପିଲାଙ୍କୁ ମିଳୁନି ଉପଯୁକ୍ତ ଶିକ୍ଷା
■ବର୍ଷକୁ ବର୍ଷ କମୁଛି ପିଲା ସଂଖ୍ୟା

**ନାଉଗାଁ, ୨୪।୨ (ସ୍ୱ.ପ୍ର.)**

ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ କଣିପଡ଼ାଠାରେ ଏକ ସରକାରୀ ପଲିଟେକ୍‌ନିକ କଲେଜ ଖୋଲାଯାଇଥିବା ବେଳେ ୨୦୧୭ରୁ ଏଠାରେ ପାଠପଢ଼ା ଚାଲୁରହିଛି। ହେଲେ କଲେଜର ବିଭିନ୍ନ ସମସ୍ୟା ଏବେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧକ ସାଜିଛି। କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବା ବେଳେ ଲାବରେଟୋରୀ ଆସିଷ୍ଟାଣ୍ଟ ପଦବୀ ମଧ୍ୟ ଖାଲି ପଡ଼ିଛି। ଅନ୍ୟପଟେ କଲେଜରେ କିରାଣି ନିଯୁକ୍ତ କରା ନ ଯିବା, ଛାତ୍ରୀଛାତ୍ରଙ୍କ ନିମନ୍ତେ ହଷ୍ଟେଲ ବ୍ୟବସ୍ଥା କରା ନଯିବା ଯୋଗୁ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କର ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ କମୁଥିବା ପରିଲକ୍ଷିତ ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଉକ୍ତ ମହାବିଦ୍ୟାଳୟରେ ୩ଟି ଟ୍ରେଡ (ସିଭିଲ, ମେକାନିକାଲ, ଇଲେକ୍ଟ୍ରୋନିକ୍ସ) ରହିଥିବା ବେଳେ ପ୍ରତି ଟ୍ରେଡ୍‌ରେ ୬୦ ଟି ଲେଖାଏଁ ସିଟ୍ ରହିଛି। ହେଲେ ଆବଶ୍ୟକ ଅନୁସାରେ ଅଧ୍ୟାପକ, କର୍ମଚାରୀ ନ ଥିବାରୁ କଲେଜରେ ପିଲାଙ୍କ ସଂଖ୍ୟା କମୁଥିବା ଦେଖାଯାଉଛି। ନିୟମ ଅନୁସାରେ, ମହାବିଦ୍ୟାଳୟରେ ୧୫ ଜଣ ଅଧ୍ୟାପକ ରହିବା କଥା। କିନ୍ତୁ ମାତ୍ର ୭ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ୭ ଲାବରେଟୋରୀ ଆସିଷ୍ଟାଣ୍ଟ ପଦବୀରେ ମାତ୍ର ଜଣେ କାର୍ଯ୍ୟ କରୁଥିବାରୁ ଅଧିକାଂଶ ସମୟରେ ଅଧ୍ୟାପକମାନେ ପିଲାଙ୍କୁ ପାଠ ପଢ଼ାଇବା ସହ ପ୍ରାକ୍ଟିକାଲ୍ କରାଉଛନ୍ତି। ସେହିପରି ଅଫିସ୍ କାର୍ଯ୍ୟ କରିବା ପାଇଁ ୩ଟି କିରାଣି ପଦବୀ ରହିଛି। ହେଲେ ଗତ ମାର୍ଚ୍ଚରେ ବରିଷ୍ଠ କିରାଣି ଅବସର ନେବା ପରେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ରମେଶ ଚନ୍ଦ୍ର ମିଶ୍ରଙ୍କୁ କାର୍ଯ୍ୟରେ ଅନିୟମିତତା ପାଇଁ ଗତ ଜାନୁୟାରୀ ୮ ତାରିଖରେ ନିଲମ୍ବିତ କରାଯାଇଛି। ଫଳରେ କିରାଣି ପଦବୀ ଖାଲି ପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଇଂ. ଏମ୍ ଶ୍ରୀନିବାସ ରାଓ ୨୦୧୭ ମେ ୨୩ରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ମାତ୍ର ସେ ୟୁଜିଏମ୍‌ଆଇ ମହାବିଦ୍ୟାଳୟ, ରାୟଗଡାରୁ ଦରମା ପାଉଛନ୍ତି। ତେବେ କଲେଜର ଏଭଳି ଅବ୍ୟବସ୍ଥା ଯୋଗୁ ପିଲାମାନେ ଠିକ୍ ଭାବେ ପାଠ ପଢ଼ି ପାରୁ ନ ଥିବା ବେଳେ ଉପଯୁକ୍ତ ତାଲିମ ପାଇପାରୁନାହାନ୍ତି। ବୈଷୟିକ ଶିକ୍ଷାର ପ୍ରସାର ପାଇଁ ସରକାର ଉକ୍ତ କଲେଜ ଖୋଲିଥିବା ବେଳେ କଲେଜର ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ବ୍ୟବସ୍ଥା କରା ନଯିବା ଯୋଗୁ ଏହିଶିକ୍ଷା ପ୍ରତି ପିଲାଙ୍କ ଆଗ୍ରହ ରହୁ ନ ଥିବା ଦେଖାଯାଉଛି। ଠିକ୍ ଭାବେ ପାଠ ପଢ଼ା ନ ଯିବା ଯୋଗୁ ଉକ୍ତ କଲେଜରେ ପଢ଼ୁଥିବା ପିଲାମାନେ ଉପଯୁକ୍ତ ଚାକିରି ମଧ୍ୟ ପାଉନାହାନ୍ତି। ତେଣୁ ତୁରନ୍ତ ଉକ୍ତ କଲେଜରେ ଆବଶ୍ୟକ ଅଧ୍ୟାପକ, କର୍ମଚାରୀ ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସମସ୍ୟା ସୁଧାରିବା ଦିଗରେ ଦୃଷ୍ଟି ଦିଆଗଲେ ସ୍ଥାନୀୟ ପିଲାମାନେ ଉପକୃତ ହୋଇପାରିବେ ବୋଲି ଅଧ୍ୟାପକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଇଂ. ଏମ୍ ଶ୍ରୀନିବାସ ରାଓଙ୍କୁ ପଚାରିବାରେ ଷ୍ଟାଫ୍ ସିଲେକଶନରେ ପିଲାମାନେ ରହିବା ପାଇଁ ସିଲେକ୍ସନ ହେଉଛନ୍ତି। କିନ୍ତୁ ଉକ୍ତ ପୋଷ୍ଟଗୁଡ଼ିକରେ କେଶ୍ ରହିଥିବାରୁ ପୋଷ୍ଟିଂ କରାଯାଇପାରୁନାହିଁ। ତଥାପି କଲେଜର ସମସ୍ୟା ନେଇ ବାରମ୍ବାର ଡାଇରେକ୍ଟରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର ପ୍ରମାଣପତ୍ର



**ପାରାଦୀପ, ୨୪।୨ (ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୧୯ ନମ୍ବର ୱାର୍ଡରେ ଥିବା ୨୫ଟି ବସ୍ତିବାସିନ୍ଦାଙ୍କୁ ଚଳିତବର୍ଷ ଭୂମି ଅଧିକାର ପ୍ରମାଣପତ୍ର (ଲ୍ୟାଣ୍ଡରାଇଟ୍ ସାର୍ଟିଫିକେଟ) ମିଳିବା ସମ୍ଭାବନା ସୃଷ୍ଟି ହୋଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଯେଉଁ ଘରଗୁଡ଼ିକୁ ଉଷା ସର୍ଭେ କରାଯାଇଥିଲା, ସେହି ଘରଗୁଡ଼ିକୁ ଏହି ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଆସନ୍ତା ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ ଆରମ୍ଭ ହେବ ବୋଲି ସୋମବାର ପୌର କର୍ତ୍ତୃପକ୍ଷଙ୍କ ସମୀକ୍ଷା ବୈଠକରୁ ଜଣାଯାଇଛି। ଗତବର୍ଷ ସର୍ଭେ ସମୟରେ ସମୁଦାୟ ୧୪,୬୧୫ ଚାଳଘର ଥିବା ବେଳେ ସେଥିରୁ ୧୦,୨୨୪ ଭୂମି ପାଇବା ପାଇଁ ଯୋଗ୍ୟ ଥିବା ଜଣାପଡ଼ିଛି। ଅବଶିଷ୍ଟ ଘରଗୁଡ଼ିକୁ ଏହି ପ୍ରମାଣପତ୍ର ପ୍ରଦାନ କରିବାରେ କିଛି ସମସ୍ୟା ଥିବାରୁ ଚୂଡ଼ାନ୍ତ ତାଲିକାରେ ସେଗୁଡ଼ିକୁ ସାମିଲ କରାଯାଇନାହିଁ। ଚଳିତବର୍ଷ ସେଗୁଡ଼ିକର ଆଉଥରେ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି।

## ତ୍ରିଲୋଚନପୁର-ଡିଙ୍କିଆ ରାସ୍ତାର ଶିଳାନ୍ୟାସ

**କୁଜଙ୍ଗ,୨୪।୨(ଡି.ଏନ.ଏ.)**

ଏରସମା ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର-ଡିଙ୍କିଆ କଂକ୍ରିଟ ରାସ୍ତାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ରାସ୍ତାକୁ ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଏହିଅବସରରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯାହା ତୈଳବିଶୋଧନାଗାର ନିକଟସ୍ଥ ଉକ୍ତ ରାସ୍ତାର ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ତୈଳବିଶୋଧନାଗାର ନିକଟସ୍ଥ ଅଞ୍ଚଳଗୁଡ଼ିକର ଦ୍ରୁତ ବିକାଶ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଡିଙ୍କିଆ ସରପଞ୍ଚ କିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତ, ବିଜେଡି ରାଜ୍ୟ ସମ୍ପାଦକ ସାରଦା ଜେନା, ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ଅକ୍ଷୟ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଡ. ତମିଲ ପ୍ରଧାନ, ମାନସ ସେଠୀ, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ରଞ୍ଜନ ବର୍ଦ୍ଧନ, ପ୍ରଦାୟନୀ ମହାନ୍ତି, ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଓ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତା ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଥିବା ବେଳେ ତୈଳବିଶୋଧନାଗାର ପ୍ରକଳ୍ପ ପକ୍ଷରୁ ଉକ୍ତ ୧୯୦୦ମିଟର ରାସ୍ତା ପାଇଁ ୧ କୋଟି ୫୮ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବାବାଜିଚରଣ ବେହେରା ଓ ସହକାରୀ ଯନ୍ତ୍ରୀ କେଳୁଚରଣ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

## ୪ ବଖରା ଜଳିଗଲା

**ବାଲିକୁଦା,୨୪।୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଧୀନ ଓଷକଣା ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ତ୍ରିଲୋଚନ ସ୍ୱାଇଁଙ୍କ ୪ ବଖରା ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ମଧ୍ୟାହ୍ନରେ ବାଡି ପଛ ପଟ ଘରୁ ପ୍ରଥମେ ନିଆଁ ଲାଗିଥିଲା। ଚାହୁଁଚାହୁଁ ଏହି ନିଆଁ ସବୁ ଘରକୁ ବ୍ୟାପୀ ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଆମ୍ବଶାଳ ଅଗ୍ନିଶମ ସେବାକେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସ୍ୱାଇଁଙ୍କ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ତେଣୁ ଏହି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ମାମଲା ସମାଧାନ ପାଇଁ ଉଦ୍ୟମ

**ଚୋରି ସନ୍ଦେହରେ ଥାନାକୁ ଡାକି ଏସ୍‌ଆଇ ପିଟିବା ଘଟଣା**

■ପ୍ରତିକ୍ରିୟା ଦେଲେନି ଏସ୍‌ଆଇ

**ବାଲିକୁଦା,୨୪।୨(ସ୍ୱ.ପ୍ର.)**

ବାଲିକୁଦା ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ବଜାରରେ ହୋଇଥିବା ଚୋରି ଘଟଣାରେ ସେହି ଗ୍ରାମର ବୀରବର ପରିଡ଼ାଙ୍କ ପୁଅ ଲୁଲୁ ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ତାଙ୍କୁ ୨୨ ତାରିଖରେ ଥାନାକୁ ଡାକିଥିଲା। ଏହି ସମୟରେ ଥାନା ଏସ୍‌ଆଇ ମାନସିଂ ହେମ୍ବ୍ରମ୍ ଲୁଲୁଙ୍କୁ ମାଡ଼ ମାରିଥିଲେ। ତେବେ ବିନା ଦୋଷରେ ତାଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିବା ପରେ ସେ ଏସ୍‌ଆଇଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଯଦ୍ୱାରା ଏସ୍‌ଆଇଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଏସ୍‌ଆଇ ରବିବାର ରାତି ଅଧରେ ଲୁଲୁଙ୍କ ଘରେ ପହଞ୍ଚି ଏପରି ଘଟଣା ପାଇଁ କ୍ଷମା ପ୍ରାର୍ଥନା କରିବା ସହ ମାମଲା ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଓ ସ୍ଥାନୀୟ ନେତାଙ୍କ ମାଧ୍ୟମରେ ଉକ୍ତ କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ଆଇ ହେମ୍ବ୍ରମ୍‌ଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ସେହିପରି ଲୁଲୁଙ୍କ ପରିବାର ସଦସ୍ୟଙ୍କ ପ୍ରତିକ୍ରିୟା ମଧ୍ୟ ମିଳି ପାରିନାହିଁ।

ବିନା କାରଣରେ ଏସ୍‌ଆଇ ଯୁବକଙ୍କୁ ଆକ୍ରମଣ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ସ୍ଥାନୀୟ ଅଧିବାସୀ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକଶଯୋଗ୍ୟ, ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ବଜାରରେ ଥିବା ଏକ ସାଇକେଲ ଓ ମୋଟର ସାଇକେଲ ମରାମତି ଦୋକାନରୁ ୨୦ ତାରିଖ ରାତିରେ ଚୋରି ହୋଇଥିଲା। ଏ ସମ୍ପର୍କରେ ଦୋକାନ ମାଲିକ ଅଭୟ ମୁଦୁଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୧୦/୨୦ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀଙ୍କୁ ପଚାରିବାରେ ସେ କହିଥିଲେ, ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି। ସମ୍ପୃକ୍ତ ଥାନାର ଅଧିକାରୀ ଏବେ ଛୁଟିରେ ଅଛନ୍ତି। ସେ ଯୋଗଦେବାରେ ପରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ଚକବନ୍ଦୀ ସମସ୍ୟା ନେଇ ତହସିଲ କାର୍ଯ୍ୟାଳୟରେ ଧାରଣା

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

**ବାଲିକୁଦା,୨୪।୨(ସ୍ୱ.ପ୍ର.)**

ଚକବନ୍ଦୀ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଚକ ପ୍ରଦାନ କରିବାକୁ ସୋମବାର ଦାବି କରିଛନ୍ତି ବାଲିକୁଦା ତହସିଲ ଅଧୀନ ମଲ୍ଲିକାପୁର ଓ ନରଣପୁର ଗ୍ରାମର ଚାଷୀ। ପୂର୍ବରୁ ୧୩(୪) ଧାରା ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା ଜମି ପଟ୍ଟାକୁ କାର୍ଯ୍ୟକାରୀ ନ କରିବା ପାଇଁ ମଧ୍ୟ ଉକ୍ତ ଗାଁର ଚାଷୀ ଜିଲାପାଳ ଓ ବାଲିକୁଦା ତହସିଲଦାରଙ୍କୁ ନିବେଦନ କରିଥିଲେ। ଗ୍ରାମର ଚକବନ୍ଦୀ ୧୯୮୩ରେ ଶେଷ ହୋଇଥିଲା। ତେବେ ଏଥିରେ ଅନିୟମିତତା ହେବାରୁ ପ୍ରାୟ ୪୦ ପ୍ରତିଶତ ଜମିରେ ଚକ କଟା ଯାଇ ପାରି ନ ଥିଲା। ୬୦ ପ୍ରତିଶତ ଜମିର ଚାଷୀ ଚକ ଅନୁଯାୟୀ ଦଖଲ କଲେ। ପୁଣି ୨୦୧୨ ମସିହାରେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ ହେଲା। ମାତ୍ର ଚକବନ୍ଦୀ ଅଧିକାରୀ ଏହି ୧୩(୪) ଧାରାରେ ରେକର୍ଡ ପ୍ରସ୍ତୁତ କରି ଚାଷୀଙ୍କୁ ପଟ୍ଟା ପ୍ରଦାନ କଲେ। ହେଲେ ପୂର୍ବରୁ ୧୯୮୩ରେ ଚକ ଦଖଲ କରିଥିବା ପ୍ରାୟ ୬୦ ଭାଗ ଚାଷୀ ସେମାନଙ୍କ ଜମିର କିଷମ ବଦଳାଇ ଘର କରି ସାରିଲେଣି। କେତେକ ଚାଷୀ ମଧ୍ୟ ଚକକୁ ଭାଗ କରି ବିକ୍ରି କରି ସାରିଲେଣି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଅଭିଯୋଗକୁ ନେଇ ଚାଷୀମାନେ ପୂର୍ବରୁ ଚକବନ୍ଦୀ ମୁଖ୍ୟ ନିର୍ବାହୀ ଅଧିକାରୀ, ଉପନିର୍ଦ୍ଦେଶକ, ବିଭାଗୀୟ ସଚିବଙ୍କ ସମେତ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଅବଗତ କରିଥିଲେ। ମାତ୍ର ଏହାର କିଛି ସୁଫଳ ନ ମିଳିବାରୁ ଏସବୁ ସମସ୍ୟାର ସମାଧାନ ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉଭୟ ଗ୍ରାମର ଚାଷୀଙ୍କୁ ନେଇ ଗଠନ କରାଯାଇଥିବା ଚକବନ୍ଦୀ କମିଟି, ୱାର୍ଡସଭ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧରଣାରେ ବସି ରହିଥିଲେ। ପରେ ଅତିରିକ୍ତ ତହସିଲଦାର ପ୍ରଦୀପ ସା ଆସି ଆନ୍ଦୋଳନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ବନ୍ଧରେ ତହସିଲଦାରଙ୍କ ସହ ଆଲୋଚନା କରି ଯାହାକିଛି ପଦକ୍ଷପ ନିଆ ଯାଇ ପାରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନରେ ସରପଞ୍ଚ ରମେଶ ସ୍ୱାଇଁ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଘନଶ୍ୟାମ ସେଠୀ, ଅଭିଲାସ ସ୍ୱାଇଁ, କୈଳାସ ସ୍ୱାଇଁ, ରାଧାକୃଷ୍ଣ ସ୍ୱାଇଁ, ଭାସ୍କର ରାଉତ, ବନମାଳୀ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

# ୧୭୧ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

**ତିର୍ତ୍ତୋଲ, ୨୪।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୭୧ଟି ଅଭିଯୋଗ ହୋଇଥିବା ବେଳେ ବିଭିନ୍ନ ବିଭାଗ ସହଯୋଗରେ ୩ଟିର ସଙ୍ଗେସଙ୍ଗେ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ମଧ୍ୟରେ ରେଡକ୍ରସ ସହାୟତା, ରାଶନ କାର୍ଡ, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା, ଗାଁ ବିବାଦ, ଭତ୍ତା, ଆବାସ ଯୋଜନା, ଜମିବାଡି ବିବାଦ ଆଦି ନେଇ ଅଭିଯୋଗ ହୋଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଏସ୍‌ପି ପ୍ରକାଶ ଆର୍, ପିଡି ସରୋଜକାନ୍ତ ମହାନ୍ତି, ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡ଼ା, ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କବିତା କିରଣଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।

## ବଡ଼ମଠ ଜୟକୃଷ୍ଣ ବିଦ୍ୟାପୀଠରେ ଗୁରୁପୂଜନ

**ତିର୍ତ୍ତୋଲ, ୨୪।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ଇବ୍ରିସିଂ ପଞ୍ଚାୟତ ଛତାମଠ ପରିସରରେ ଜୟକୃଷ୍ଣ ବିଦ୍ୟାପୀଠର ୧୯୭୮ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଆବାହକ କୈଳାସ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ଗୁରୁଜୀ ନିତ୍ୟାନନ୍ଦ ଲେଙ୍କା, ଅଶୋକ କୁମାର ଦାସ, ରବୀନ୍ଦ୍ର ପରିଡ଼ାଙ୍କୁ ପୁଷ୍ପ, ଚନ୍ଦନ ଅର୍ପଣ ସହ ପଦବନ୍ଦନା କରାଯାଇ ପୂଜା କରାଯାଇଥିଲା। କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ଦାଶ ମଙ୍ଗଳାଷ୍ଟକ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ନିକୁଞ୍ଜ ଜେନା, ରବୀନ୍ଦ୍ର ଦାସ, ମାଧବ ପାଣି, ଧୀରେନ୍ଦ୍ର ଦାସ, ସୁଧାଂଶୁ ଦାସ, ଦେବେନ୍ଦ୍ର ରାଉତ, ପ୍ରଭାତ ମହାପାତ୍ର, ପ୍ରସନ୍ନ ମିଶ୍ର, କିରଣବାଳା ମିଶ୍ର, ଅଞ୍ଜଳି ଦାସ, କାମିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁପୂଜନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ବିଜୁ ଜୟନ୍ତୀ ପାଳନକୁ ନେଇ ବଢ଼ୁଛି ଅଡୁଆ

**ପାରାଦୀପ, ୨୪।୨ (ସ୍ୱ.ପ୍ର.)**

ପାରାଦୀପ ବନ୍ଦରର ପ୍ରତିଷ୍ଠାତା ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ମାର୍ଚ୍ଚ ୫ରେ ପାଳନ ହେବ। ଏହାକୁ ନେଇ ପାରାଦୀପ ବିଜେଡିରେ ଏବେ ଶୀତଳ ବିବାଦ ସୃଷ୍ଟି ହୋଇଛି। ଚଳିତବର୍ଷ ବିଜୁ ଜୟନ୍ତୀ ଉତ୍ସବ ସାରା ରାଜ୍ୟରେ ୭ଦିନ ଧରି ପାଳନ ହେବ ବୋଲି ବିଜେଡି ନିଷ୍ପତ୍ତି ନେଇଛି। ବିଜେଡି ବିଧାୟକ, ଏମ୍‌ପି ଓ ଦଳୀୟ କର୍ମୀମାନେ ଏହାକୁ ଆୟୋଜନ କରିବେ। କିନ୍ତୁ ପାରାଦୀପରେ ଏବେ ଦଳ ବ୍ୟତିରେକ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଏହି ଜୟନ୍ତୀ ପାଳନ କରିବ ବୋଲି ପ୍ରୟାସ ଆରମ୍ଭ କରିଛି। ଟ୍ରଷ୍ଟର ସଭାପତି ତଥା ବରିଷ୍ଠ ନେତା ଡା. ଦାମୋଦର ରାଉତ ଇତିମଧ୍ୟରେ ପାରାଦୀପର ସର୍କିଟ ହାଉସ୍‌ଠାରେ ବସି ଏ ବିଷୟରେ ଆଲୋଚନା କରିଥିଲେ। ଅପରପକ୍ଷେ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନର ନେତୃତ୍ୱ ନେବେ ପାରାଦୀପ ବିଧାୟକ ତଥା ଦାମଙ୍କ ପୁତ୍ର ସମ୍ବିତ ରାଉତରାୟ। ଏ ସମ୍ପର୍କରେ ଦାମ କୁହନ୍ତି, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀକୁ ସେ ହିଁ ଓଡ଼ିଶାରେ ପ୍ରଥମେ ଆରମ୍ଭ କରିଥିଲେ। ୧୯୭୫ ମସିହାରୁ ସେ ଟ୍ରଷ୍ଟ ଗଠନ କରି ଏହାକୁ ପାଳନ କରିଆସୁଛନ୍ତି। ବିଜୁ ବାବୁ ଜାତୀୟ ସମ୍ପତ୍ତି। ତେଣୁ ଟ୍ରଷ୍ଟ ପକ୍ଷରୁ ସବୁବର୍ଷ ପରି ଚଳିତବର୍ଷ ଜୟନ୍ତୀ ପାଳନ କରାଯିବ। ପାରାଦୀପର ସମସ୍ତ ଅନ୍ତେବାସୀଙ୍କୁ ନେଇ ଏହା କରାଯିବ। ସେଥିପାଇଁ ଏବେଠାରୁ ବିଜୁ ସମର୍ଥକଙ୍କୁ ନେଇ ଆୟୋଜନ କରାଯାଉଛି। ଏ ବିଷୟରେ ବିଧାୟକ ସମ୍ବିତଙ୍କୁ ଏକାଧିକଥର ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନଥିଲା।

ପୌରାଧ୍ୟକ୍ଷ ତଥା ବିଜେଡି ନଗର ସଭାପତି ବସନ୍ତ ବିଶ୍ୱାଳ ଏ ସମ୍ପର୍କରେ କୁହନ୍ତି, ଦଳ ନିଷ୍ପତ୍ତି ଅନୁସାରେ ବିଜୁ ଜୟନ୍ତୀ ପାଳନ କରାଯିବ। ଟ୍ରଷ୍ଟ ମଧ୍ୟ ପାଳନ କରିବ। ଏ ନେଇ ଆମ୍ଭର ସମସ୍ତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରାଯିବ। ଏବେ ଦାମଙ୍କ ଜୟନ୍ତୀ ପାଳନ ଉଦ୍ୟମକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିବା ଜଣାଯାଇଛି। ଗୋଟିଏ ପଟେ ବାପା ଟ୍ରଷ୍ଟ ନାମରେ ଜୟନ୍ତୀ ଆୟୋଜନ କରିବାକୁ ଡାକୁଥିବା ବେଳେ ଅନ୍ୟପଟେ ଦଳର ଛାମୁଆ ନେତା ତଥା ତାଙ୍କ ପୁତ୍ର ଦଳୀୟ ନୀତିରେ ପାଳନ କରିବାକୁ ଡାକିଲେଣି। ଆମେ କୁଆଡେ ଯିବୁ ବୋଲି ଜଣୈକ ଯୁବ ନେତା ପ୍ରଶ୍ନ କରିଛନ୍ତି।

ସମ୍ପ୍ରତି ଦାମ ବିଜେଡିରେ ନାହାନ୍ତି। ୨୦୧୮ ସେପ୍ଟେମ୍ବର ୧୮ରେ ଦଳ ତାଙ୍କୁ ବହିଷ୍କାର କରିଛି। ପରେ ସେ ଭାଜପାରେ ମିଶିବା ସହ ଏରସମାରେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିଲେ। ପରିବର୍ତ୍ତିତ ରାଜନୈତିକ ଦୃଶ୍ୟ ପଟ୍ଟରେ ଦାମ ଏବେ ଦୁଇ ଦଳ ପାଇଁ ଅଲୋଡ଼ା ହୋଇଯାଇଛନ୍ତି। ଏବେ ଟ୍ରଷ୍ଟ ନାଁରେ ବିଜୁ ଜୟନ୍ତୀ ପାଳନ କରି ନିଜର ଉପସ୍ଥିତି ଜାହିର କରିବା ପାଇଁ ଚେଷ୍ଟା ଚଳାଇଥିବା କୁହାଯାଉଛି।

## ସଂକ୍ଷେପରେ




# ସିଲ୍ ଚିରି ଟେଣ୍ଡର ପକାଇ ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ,୨୪।୨**

**ଜଗତ୍‌ସିଂହପୁର ପୌରପରିଷଦ**

- ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଅସୁରକ୍ଷିତ ଟେଣ୍ଡର ବାକ୍ସ
- ସିସିଟିଭି ଫୁଟେଜ୍‌ରୁ ମିଳିଲା ତଥ୍ୟ
- ଟେଣ୍ଡର ବାତିଲ କଲା ପୌର ପରିଷଦ

ଜଗତ୍‌ସିଂହପୁର ପୌର ପରିଷଦରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପରିଷଦ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଥିବା ଟେଣ୍ଡର ବାକ୍ସ ସିଲ୍ ଚିରାଯାଇଛି। କେବଳ ସିଲ୍ ଚିରା ନୁହେଁ, ଏହା ଭିତରେ ମଧ୍ୟ ନୂଆ ଟେଣ୍ଡର ପେପର ପକାଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ଟେଣ୍ଡର ଖୋଲାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ତା' ପୂର୍ବରୁ ବାକ୍ସ ସିଲ୍ ଚିରା ଯାଇଥିବା ଜଣାଯିବାରୁ ପରିଷଦ ପରିସରରେ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଯେହେତୁ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସିସିଟିଭି କ୍ୟାମେରା ଲାଗିଥିଲା ତେଣୁ ତାହା ଯାଞ୍ଚ ପରେ ସବୁ କଥା ପଦାକୁ ଆସିଥିଲା। ସ୍ଥାନୀୟ ଜୟବଡ଼ର ରଶ୍ମି ବେହେରା ଓରଫ ଖନୁ ଏଭଳି କାଣ୍ଡ କରିଥିବା ଜଣାଯାଇଥିଲା। ଏନେଇ ପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ ବିମଳ ଲେଙ୍କା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୪୫୧/୪୫୪/୪୨୬ ଆଇପିସି/୩ ପିଡିପିପି ଆକ୍ଟରେ ମାମଲା ସଂଖ୍ୟା ୨୦/୨୬ ରୁଜୁ କରିବା ସହ ଅଭିଯୁକ୍ତ ଖନୁଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଏଥିରେ ଅନ୍ୟ କେହି ସମ୍ପୃକ୍ତ ଥିଲେ ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଖନୁଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ହତ୍ୟା ଉଦ୍ୟମଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ମାଡ ଆଦି ଏକାଧିକ ମାମଲା ରହିଛି। ଅନ୍ୟ ଥାନା ଅଞ୍ଚଳରେ ଆପରାଧିକ ମାମଲା ଅଛି କି ନାହିଁ ଅନୁଧ୍ୟାନ ଚାଲିଥିବା ଆଇଆଇସି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପରିଷଦ ଅଞ୍ଚଳରେ ୨୬ଟି ନୂଆ ଉନ୍ନତିମୂଳକ କାର୍ଯ୍ୟ ଓ ଗୋଟିଏ ମରାମତି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଗତ ୬ରୁ ୧୯ ତାରିଖ ମଧ୍ୟରେ ଅନଲାଇନ୍‌ରେ ଏବଂ ୬ରୁ ୨୦ ତାରିଖ ଅପରାହ୍ନ ୫ଟା ପର୍ଯ୍ୟ ବାକ୍ସରେ ଟେଣ୍ଡର ପକାଇବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଟେଣ୍ଡର ବାକ୍ସ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ରଖାଯାଇଥିଲା। ଟେଣ୍ଡର ପକାଇବା ଅବଧି ପୁରିଗଲା ପରେ ବାକ୍ସ ଉପରପଟେ ଥିବା କଣା ଉପରେ ଅଠା ସହ କାଗଜ ଦିଆଯାଇ ବନ୍ଦ କରାଯାଇଥିଲା। ତା' ଉପରେ ପରିଷଦର ଜଣେ କର୍ମଚାରୀଙ୍କ ଦସ୍ତଖତ ସହ ସିଲ୍ ମରାଯାଇଥିଲା। ଏହି ସିଲ୍ ପେପର ଓ ଟିଣ ଉପରେ ରହିଲା ପରି ମରାଯାଇଥିଲା। ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଛୁଟି ଥିବାରୁ ଟେଣ୍ଡର ଖୋଲାଯାଇପାରି ନ ଥିଲା। ୨୪ ତାରିଖ ପୂର୍ବାହ୍ନ ୧୧ଟାରେ ଟେଣ୍ଡର ବାକ୍ସ ଖୋଲାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସକାଳ ୭ଟା୩୭ରେ ଝାଡୁଦାର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଝାଡୁମାରି କବାଟ ବନ୍ଦ କରି ଚାଲି ଯାଇଥିଲେ। ସେତେବେଳୁ ସକାଳ ପାଖାପାଖି ୧୦ଟା୧୭ ଭିତରେ ଏହି ପ୍ରକୋଷ୍ଠକୁ କେହି ଯାଇ ନ ଥିଲେ। ଠିକ ୧୦ଟା୧୭ରେ ଖନୁ କବାଟ ଖୋଲି ଭିତରକୁ ଚାହିଁ ପଳାଇଥିଲେ। ୨ ମିନିଟ୍ ପରେ ଟେଣ୍ଡର ପେପର ଧରି ଏହି ପ୍ରକୋଷ୍ଠରେ ପସି ବାକ୍ସ ସିଲ୍ ଚିରି ପେପର ପକାଇ ଖସି ଯାଇଥିଲେ। ଏହାପରେ ପରିଷଦ କର୍ମଚାରୀମାନେ ଟେଣ୍ଡର ବାକ୍ସ ଖୋଲିବାକୁ ଉଦ୍ୟମ କଲାବେଳେ ଉପରପଟେ ସିଲ୍ ଚିରା ଯାଇଥିବା ଜଣାଯାଇଥିଲା। କିଏ ଏଭଳି କାଣ୍ଡ କରିଛି ଜାଣିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ପରିଷଦରେ ମୋଟ ୭ଟି ସିସିଟିଭି କ୍ୟାମେରା ଲାଗିଛି। ସେଥିମଧ୍ୟରୁ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ୧, କନିଷ୍ଠ ଯନ୍ତ୍ରୀ ୧, ତଳ ମହଲା ବାରଣ୍ଡା ୧, ଉପର ବାରଣ୍ଡା ୨, ବିଲ୍ଡିଂ ସାମ୍ନା ପଟେ ୨ ଓ ଲାଇବ୍ରେରୀରେ ୧ଟି ସିସିଟିଭି କ୍ୟାମେରା ରହିଛି। ପରିଷଦ ବାହାରପଟ ସିସିଟିଭି ଫୁଟେଜ୍‌ରୁ ଜଣାଯାଇଥିଲା ଯେ, ହାସିମୁଦ୍ଦିନ ନାମକ ଭିନ୍ନକ୍ଷମ ଠିକାଦାରଙ୍କ ସହ ଖନୁ ବାଇକ୍‌ରେ ପହଞ୍ଚିଥିଲେ। ହାସିମୁଦ୍ଦିନ ବାଇକ୍‌ରେ ବସିଥିବାବେଳେ ଖନୁ ପ୍ରଥମେ ଟେଣ୍ଡର ବାକ୍ସ ଥିବା ଘରେ ପହଞ୍ଚି କେହି ନ ଥିବା ଦେଖିଥିଲେ। ପରେ ବାଇକ୍ ପାଖକୁ ଆସି ପେପର ନେଇ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠକୁ ଯାଇ ଟେଣ୍ଡର ବାକ୍ସରେ ପକାଇ ହାସିମୁଦ୍ଦିନଙ୍କ ସହ ପଳାଇଥିଲେ। ତଦନ୍ତରୁ ଜଣାଯାଇଛି ଯେ, ଟେଣ୍ଡର ବାକ୍ସରେ ମୋଟ ୨୮୪ଟି ପେପର ପଡିଛି। ଏଗୁଡିକ ଖୋଲା ଯାଇନାହିଁ। ଟେଣ୍ଡର ବାତିଲ ହୋଇଯାଇଥିବାରୁ ଯେଉଁମାନେ ଆବେଦନ କରିଥିଲେ ସେମାନଙ୍କୁ ଅର୍ଥ ଫେରସ୍ତ କରି ଦିଆଯିବା ପାଇଁ ଚିନ୍ତା କରାଯାଉଥିବା ପରିଷଦ ପକ୍ଷରୁ କୁହାଯାଇଛି। ଏବେ ଠିକାଦାରଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଜିଲାପାଳ ତଥା ପୌର ପ୍ରଶାସକ ସଂଗ୍ରାମ କେଶରୀ ମହାପାତ୍ର ନିଷ୍ପତ୍ତି ନେବେ ବୋଲି କୁହାଯାଇଛି।

# ଇପିଏଫ୍ ପେନସନର୍ସ ଆସୋସିଏଶନର ଶୋଭାଯାତ୍ରା

**ଜଗତ୍‌ସିଂହପୁର ଅଫିସ,୨୪।୨**

୩ ଦଫା ଦାବି ନେଇ ଜଗତ୍‌ସିଂହପୁର ଜିଲା ଇପିଏଫ୍ ପେନସନର୍ସ ଆସୋସିଏଶନ ତରଫରୁ ଏକ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ସ୍ଥାନୀୟ ଟାଉନ ହଲ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଶେଷକରି ମାସିକ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା, ମହଙ୍ଗାଭତ୍ତା, ଇପିଏଫ୍‌ଓ ପେନସନ୍‌ଭୋଗୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ପ୍ରଦାନ ଓ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ୍ ଆଦି ଦିଆଯିବାକୁ ଦାବି କରାଯାଇଥିଲା। ସଂଘ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ରାଜ୍ୟ ସଭାପତି ରଞ୍ଜନ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କଟକ ଜିଲା ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ବିନୋଦ ବେହେରା, ସହସମ୍ପାଦକ ବୁଲେଇ ବେହେରା, ଜିଲା ଉପସଭାପତି ଭିକାରୀ ଚରଣ ସେନାପତି, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପରିଜା, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ କାଳିଚରଣ ମହାନ୍ତି, ନିରଞ୍ଜନ ପତି, କୃଷ୍ଣଚନ୍ଦ୍ର ସାହୁ ଓ ରଘୁନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜାମିନ ପରେ ପୁଣି ଗିରଫ

**ନୟାଗଡ ଅଫିସ,୨୪।୨:** ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ସବ୍‌ଜେଲରେ କଏଦୀଙ୍କୁ ମାଡ଼ମରା ଘଟଣାରେ ନୟାଗଡ ସଦର ଥାନା ପୋଲିସ କାବୁଲି ଖାଁ(୩୫)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଇଚ୍ଛାପୁର ଗାଁର କାବୁଲି ଖାଁ ନୟାଗଡ ସବ୍‌ଜେଲରେ କଏଦୀ ଭାବେ ଥିଲେ । ଗତ ଜାନୁୟାରୀ ୬ତାରିଖରେ ସେ ଅନ୍ୟ ଜଣେ କଏଦୀଙ୍କୁ ମାଡମାରି ଆହତ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ୪/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସୋମବାର କାବୁଲି ଜାମିନ ପାଇଥିବାବେଳେ ପୁଣି ଏକ ପୁରୁଣା ମକଦ୍ଦମାରେ ଗିରଫ ହୋଇଛନ୍ତି।

### ୨୨୧ ପରୀକ୍ଷାର୍ଥୀ ଅନୁପସ୍ଥିତ

**ନୟାଗଡ ଅଫିସ,୨୪।୨:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସୋମବାର ସଂସ୍କୃତ ଓ ହିନ୍ଦୀ ପରୀକ୍ଷାରେ ୨୨୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି । ନୟାଗଡ଼ ଜିଲାରେ ୨୩୫ ସ୍କୁଲର ୧୨ ହଜାର ୯୬୮ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୬୩ ଛାତ୍ରୀଛାତ୍ର ଏପରି ମୋଟରେ ୧୩ ହଜାର ୨୩୧ ଛାତ୍ରୀଛାତ୍ରଙ୍କ ପାଇଁ ୭୫ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ହୋଇଛି।

### ପୂଜ୍ୟପୂଜା ସଂସଦ ପକ୍ଷରୁ ଆଲୋଚନାଚକ୍ର

**ବୋଲଗଡ଼,୨୪।୨(ଡି.ଏନ.ଏ.):** ବୋଲଗଡ଼ ପୂଜ୍ୟପୂଜା ସଂସଦ ପକ୍ଷରୁ ସୋମବାର ସ୍ଥାନୀୟ ନନ୍ଦିଘୋଷ ଭବନରେ ବୋଲଗଡ଼ ଇତିହାସ ଲେଖିଥିବା ଐତିହାସିକ ରବୀନ୍ଦ୍ର ପରିଡାଙ୍କ ୭୬ତମ ଜନ୍ମ ବାର୍ଷିକ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋପୀନାଥ ଖାଡେଙ୍ଗା ଏଥିରେ ସଭାପତିତ୍ୱ କରିଥିଲେ। ବହୁ ଶିକ୍ଷାବିତ୍, ସାମାଜିକ କର୍ମୀ, ଇତିହାସ ଗବେଷକ ଯୋଗଦେଇ ସ୍ଥାନୀୟ ଅଞ୍ଚଳର କେତେକ ପ୍ରମୁଖ ଘଟଣାବଳୀ ଇତିହାସ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରୀତିସ ଆଚାର୍ଯ୍ୟ, ସର୍ବୋଦୟ ନେତା ବିନୋଦ ମହାନ୍ତି, ପାଞ୍ଚଗଡର ବରପୁତ୍ର ବରିଷ୍ଠ ଶିକ୍ଷାବିତ୍ କାଳିଚରଣ ଜୟସିଂହ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଅଧ୍ୟାପକ ରଙ୍ଗନିଧି ବଳିୟାରସିଂହ, କମ୍ୟୁନିଷ୍ଟ ନେତା ଆଇନଜୀବୀ ଅମିୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା ସଂସଦ ପକ୍ଷରୁ ଶିକ୍ଷାବିତ୍ ବାଲ୍ମୀକ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

### ମା’କାଳିକା ଭାଗବତ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

**ବୋଲଗଡ଼,୨୪।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅସରଳାଠାରେ ମା’କାଳିକା ଭାଗବତ ପ୍ରତିଯୋଗିତା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେଦାର ନାଥ ପାଟ୍ଟଯୋଶୀ ଓ ବଚନ ସାମନ୍ତରାୟଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆଗାମୀ ୨୮ ତାରିଖଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହେବା ପାଇଁ ସ୍ଥିର ହୋଇଛି। ଏଥିରେ ୪ଟି ଭାଗବତ ଦଳ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ନେଇ ଭାଗବତ ସମ୍ପର୍କିତ କୁଇଜ୍ ପରିଚାଳନା କରାଯିବାକୁ ସ୍ଥିର ହୋଇଥିବା ସୂଚନା ମିଳିଛି।

# ଉଜୁଡ଼ି ଚାଲିଛି ଦଶପଲ୍ଲା ଜଙ୍ଗଲ

**ନୟାଗଡ଼ ଅଫିସ,୨୪।୨**



- ଗଛ କାଟୁଛି ଫରେଷ୍ଟ କର୍ପୋରେଶନ
- ସୁରକ୍ଷା ଦେଉଛନ୍ତି ଆଦିବାସୀ ପରିବାର

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ମିଟୁକୁଳି ବନ ସୁରକ୍ଷା ସମିତି (ଭିଏସ୍‌ଏସ) ଅଧୀନରେ ଥିବା ଜଙ୍ଗଲରୁ ୨୦୦ରୁ ଊର୍ଦ୍ଧ୍ୱ ଶାଳ, ଲଙ୍ଗଳ ମଇ, ବାନ୍ଧଣ ପ୍ରଭୃତି ଗଛ କଟାଗଲାଣି। ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ ଏହିସବୁ ଗଛ କାଟୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜାଣିବା ପରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ମିଟୁକୁଳି ଗାଁର ଆଦିବାସୀମାନେ ପ୍ରତିବାଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଜଙ୍ଗଲକୁ ଆମେ ସୁରକ୍ଷା ଦେଉଛୁ। ହେଲେ ଗଛ କଟାଯିବା ବେଳେ ଆମେ ଜାଣୁନୁ। ବନ ବିଭାଗର ଏପରି ନିଷ୍ପତ୍ତିରେ ଆଦିବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ଗଛକଟା ବନ୍ଦ ନ ହେଲେ ଜଙ୍ଗଲ ସୁରକ୍ଷା ବନ୍ଦ

ବନଦୁର୍ଗା ଜଙ୍ଗଲ ସୁରକ୍ଷା କମିଟି ସଭାପତି ଧନେଶ୍ୱର ଜାନି କୁହନ୍ତି, ସୁରକ୍ଷା କରି ନ ଥିଲେ ମିଟୁକୁଳି ଜଙ୍ଗଲ ସବୁଜିମା ହୋଇ ନ ଥାନ୍ତା। ଏଠାରେ ୩ରୁ ୫ଫୁଟ ଗୋଲେଇର କାଠ ଦେଖିବାକୁ ମିଳି ନ ଥାନ୍ତା। ସରକାର ଯଦିଓ ବନ ସୁରକ୍ଷା ସମିତି ୨୦୦୪ରେ ଗଠନ କରି ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନେଇଥିଲେ ତାହା ଫଳବତୀ ହୋଇ ନ ଥିଲା। କାଠ ମାଫିଆମାନେ ଗଛ କାଟି ଜଙ୍ଗଲକୁ ପଦା କରିବାକୁ ବସିଥିଲେ। ୨୦୦୬ରୁ ତୁମୁଣ୍ଡି ପଞ୍ଚାୟତ ମିଟୁକୁଳି ଗାଁର ଆଦିବାସୀମାନେ ଏକଜୁଟ୍ ହୋଇ ଜଙ୍ଗଲ ସୁରକ୍ଷା କଲେ। ପାଳି କରି ଜଙ୍ଗଲ ଜଗିଲେ। କିଛିବର୍ଷ ପରେ ଏହା ଘଞ୍ଚ ଜଙ୍ଗଲରେ ପରିଣତ ହେଲା। ଏପରିସ୍ଥଳେ ୨୦୦ରୁ ଊର୍ଦ୍ଧ୍ୱ ଶାଳ, ଲଙ୍ଗଳ ମଇ, ବାନ୍ଧଣ ପ୍ରଭୃତି ଗଛ କଟା ହେଲାଣି। ଭିଏସ୍‌ଏସ୍‌ର ପ୍ରତିବାଦ ପରେ ମଧ୍ୟ ଗଛ କଟା ବନ୍ଦ ହେଉନି। ଯଦି ବନ ବିଭାଗ ଆମ ଅଜାଣତରେ ଗଛ କାଟିବ ତେବେ ଆମେ ଜଙ୍ଗଲ ସୁରକ୍ଷା କାହିଁକି କରିବୁ। ବନ ବିଭାଗ ମନଇଚ୍ଛା ଗଛ କାଟି ପଦା କରିବା କ’ଣ ଠିକ୍। ଏହାର ତଦନ୍ତ ହେବା ଦରକାର।

### ଭୁଲ ବାର୍ତ୍ତା ଯିବ

ଭିଏସ୍‌ଏସ୍ ଗଠନ କରି ଜଙ୍ଗଲ ଜଗିବେ ଲୋକ। ଜଙ୍ଗଲରୁ ବନବିଭାଗ ଗଛ କାଟିବେ ଅଥଚ ଭିଏସ୍‌ଏସ୍ ନ ଜାଣିବା ଠିକ୍ ନୁହେଁ। ଗଛ କାଟିବାର କାରଣ ମଧ୍ୟ ସେମାନଙ୍କୁ କୁହାଗଲା ନାହିଁ । ଏପରି ହେଲେ ସାଧାରଣ ଲୋକ ଆଉ ଭିଏସ୍‌ଏସ୍‌ରେ ରହି ଜଙ୍ଗଲ ସୁରକ୍ଷା କରିବାକୁ ଆଗ୍ରହ ପ୍ରକାଶ କରିବେନି। ପାଳି କରି ଜଙ୍ଗଲ ସୁରକ୍ଷା କରୁଥିବା ଲୋକ ଜଙ୍ଗଲ ସୁରକ୍ଷା ପାଇଁ ପଛଘୁଞ୍ଚା ଦେବେ। ବନ ବିଭାଗ ଏହାର କିଛି ସମାଧାନ କରୁ। ନଚେତ ଭିଏସ୍‌ଏସକୁ ଭୁଲ ବାର୍ତ୍ତା ଗଲେ ଜଙ୍ଗଲ ଉଜୁଡ଼ିଯିବ ବୋଲି ପରିବେଶବିତ୍ ଅନ୍ତର୍ଯାମୀ ସାହୁ କହିଛନ୍ତି ।

ଏ ନେଇ ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡି କୁହନ୍ତି, ପ୍ରଥମେ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍)କୁ କୁହାଯାଇ ନ ଥିଲା ବୋଲି ଜଣାପଡିଛି। ତେବେ ପରେ ସେମାନଙ୍କୁ ବୁଝାଇ ଦିଆଯାଇଛି। ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ ମିଟୁକୁଳି ଭିଏସ୍‌ଏସ୍ ଅଧୀନରେ ଥିବା ଜଙ୍ଗଲରୁ ଯେଉଁ ଗଛ କାଟୁଛି ସେଥିରେ ସମିତିର ସେୟାର ଅଛି। ଏ ନେଇ ପୁଣିଥରେ ସେମାନଙ୍କୁ ବୁଝାଇ ଦିଆଯିବ। ଗଛ କାଟିବାରେ କିଛି ଅସୁବିଧା ନାହିଁ।

# ତହସିଲ କାର୍ଯ୍ୟାଳୟ ଘେରିଲେ ଚାଷୀ



ତହସିଲ ଆଗରେ ଚାଷୀଙ୍କ ବିକ୍ଷୋଭ।

**ରଣପୁର,୨୪।୨(ସ୍ୱ.ପ୍ର.)**

ଟୋକନ ଦେଇ ଚାଷୀଙ୍କ ଠାରୁ ଧାନମଣ୍ଡିରେ ତୁରନ୍ତ ଧାନ କିଣିବା ଦାବିରେ ସୋମବାର ରଣପୁର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଓଡିଶା କୃଷକ ସଭା ରଣପୁର ବ୍ଲକ କମିଟି ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନରେ ସାମିଲ ହୋଇ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ମଣ୍ଡି ଜରିଆରେ ଚାଷୀଙ୍କ ଠାରୁ ଧାନ କିଣିବା, ଧାନର ଚୋରା ଚାଲାଣ ବନ୍ଦ କରିବା, ଅଭାବୀ ଧାନ ବିକ୍ରିକୁ ବନ୍ଦ କରାଇବା, ପ୍ରକୃତ ଚାଷୀଙ୍କୁ ତୁରନ୍ତ ଟୋକନ ଯୋଗାଇ ଦେବା, ମଣ୍ଡିରେ ଧାନ ଦେବାବେଳେ କଟନି ଛଟନି ବନ୍ଦ କରିବା ଦାବି ରହିଛି। ପୁଣି ଟୋକନ ଅନୁସାରେ ଧାନ ନ ନେଇ ୫୦ କୁଇଣ୍ଟାଲରୁ ଅଧିକ ଧାନ ନେବାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ଅବସରରେ ହରିଶ୍ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୃଷକ ସଭାର ବ୍ଲକ ସଂଯୋଜକ ଗଦାଧର ପ୍ରଧାନ, କ୍ଷେତ ମଜଦୁର ନେତା ଦୁଃଶାସନ ଜେନା, ଶ୍ରମିକ ନେତା ସୁଶୀଲ ମହାନ୍ତି, ପ୍ରଫୁଲ୍ଲ ଧଳ, ରଙ୍ଗନାଥ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଧାନର ଅଭାବୀ ବିକ୍ରି ଓ ଚାଷୀ ସମସ୍ୟା ନେଇ ଟିପ୍ପଣି ଦେଇଥିଲେ।

# ଜଙ୍ଗଲ ପୋଡି ରୋକିବା ପାଇଁ ବନବିଭାଗର ପ୍ରୟାସ

**ଗଣିଆ,୨୪।୨(ଡି.ଏନ.ଏ.)**

ଆଉ କିଛି ଦିନ ପରେ ଗ୍ରୀଷ୍ମ ଋତୁ ଆସିବ। ଧୀରେ ଧୀରେ ଜଙ୍ଗଲର ଗଛଲତା ପତ୍ରଝଡା ଦେବାକୁ ଲାଗିଲେଣି। ସବୁବର୍ଷ ଭଳି ଚଳିତବର୍ଷ କିପରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରାଯାଇପାରିବ ସେ ନେଇ ବନ ବିଭାଗ ତରଫରୁ ପ୍ରୟାସ ଆରମ୍ଭ ହୋଇଛି।

ନୟାଗଡ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ବନବିଭାଗ କର୍ମଚାରୀମାନେ ଗାଁ ଗାଁରେ ସଚେତନତା ସଭା କରୁଛନ୍ତି। ଏଥିସହ ଜଙ୍ଗଲରେ ନିଆଁ ଲାଗିଲେ କିଭଳି ଆୟତ୍ତ କରାଯିବ ସେ ନେଇ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡୁଛନ୍ତି । ବିଶେଷ କରି ଜଙ୍ଗଲ ନିକଟରେ ଏବଂ ଜଙ୍ଗଲ ଭିତରେ ଥିବା ଗାଁଗୁଡିକରେ ଏହି ବୈଠକ କରାଯାଇ ଜନସଚେତନତା ସୃଷ୍ଟି କରାଯାଉଥିବା ବନାଞ୍ଚଳ ଅଧିକାରୀ ଅଶୋକ ଦାଶ ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, କେତେକ ଅସାଧୁ ବ୍ୟକ୍ତି ବନ୍ୟଜନ୍ତୁ ଶିକାର କରିବା, କେନ୍ଦୁପତ୍ର ଓ ମହୁଲ ଫୁଲ ସଂଗ୍ରହ କରିବା ଲକ୍ଷ୍ୟ ନେଇ ଜଙ୍ଗଲରେ ନିଆଁ ଲଗାଇଥାନ୍ତି, ଯଦ୍ୱାରା ଜଙ୍ଗଲର ବିଭିନ୍ନ ମୂଲ୍ୟବାନ ଗଛଲତା, ଔଷଧୀୟ ଜଡିବୁଟି, ଶୁଖିଲା ଜାଳେଣି କାଠ ପୋଡିଯିବା ସହ ବନ୍ୟଜନ୍ତୁମାନେ ଘୋର ବିପଦର ଶିକାର ହୋଇଥାନ୍ତି । ତେବେ ବଣ ଓ ବନ୍ୟଜନ୍ତୁଙ୍କୁ କିଭଳି ଅଗ୍ନିକ ବିପଦରୁ ରକ୍ଷା କରାଯାଇପାରିବ ବନବିଭାଗ କର୍ମଚାରୀମାନେ ସଚେତନତା ସୃଷ୍ଟି କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି।



ମୁସୁଗୁଡା ଗ୍ରାମବାସୀଙ୍କ ସହ ବନବିଭାଗ କର୍ମଚାରୀଙ୍କ ବୈଠକ।

# ମଣ୍ଡି ଆଗରେ ଚାଷୀଙ୍କ ବିକ୍ଷୋଭ



ଚାଷୀମାନେ ସମିତି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବୋଲଗଡ଼,୨୪।୨(ଡି.ଏନ.ଏ.)**

ଫେବୃୟାରୀ ଶେଷ ହେବାକୁ ଯାଉଥିବା ବେଳେ ମଣ୍ଡିରେ ଧାନ ବିକ୍ରୟ ପାଇଁ ଆଉ ମାତ୍ର ମାର୍ଚ୍ଚ ମାସଟି ରହିଛି। ବୋଲଗଡ଼ ବ୍ଲକର ଚାଷୀମାନେ ଦୀର୍ଘ ଦୁଇମାସ ଧରି ନିଜ ଅମଳ ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଚାହିଁବସିଛନ୍ତି। ଏପରିସ୍ଥଳେ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ପାଇଁ ଟୋକନ ମାଧ୍ୟମରେ ଟାର୍ଗେଟ ଆସିପାରି ନାହିଁ। ଫଳରେ ଚାଷୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ବିକ୍ରୟ କରିପାରୁନାହାନ୍ତି। ସୋମବାର ବିକ୍ଷୋଭ ପ୍ରଦର୍ଶନ କରି ସେମାନେ ଏହାର ପ୍ରତିବାଦ କରିଥିଲେ। ଏହି ବ୍ଲକର ଗର୍ଭଣିପଡା ସେବା ସମବାୟ ସମିତିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା।

ସରକାର ଓ କୃଷି ବିଭାଗ ପଞ୍ଜୀକୃତ ସମସ୍ତ ଚାଷୀଙ୍କର ଉତ୍ପାଦିତ ଧାନ ଓ ଭାଗ ଚାଷୀଙ୍କ ଧାନ କିଣିବେ ବୋଲି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବାସ୍ତବରେ ଏହାର ସଫଳ ରୂପାୟନ ହୋଇପାରୁ ନାହିଁ। ଚାଷୀମାନେ ସମିତିରୁ ଋଣ କରି ଧାନ ଚାଷ କରିଥିବା ବେଳେ ଉତ୍ପାଦିତ ଫସଲକୁ ବିକ୍ରିକରି ଟଙ୍କା ଶୁଝିବେ ବୋଲି ଅପେକ୍ଷା କରିଥିଲେ। ହେଲେ ମଣ୍ଡିକୁ ଟାର୍ଗେଟ ନ ଆସିବା ଓ ମିଲର ଧାନ କିଣିବାରେ ଆଗ୍ରହ ପ୍ରକାଶ ନ କରିବାକୁ ନେଇ ଚାଷୀମାନେ ସଙ୍କଟରେ ପଡିଛନ୍ତି।

### ଟୋକନ ମିଳିବାରେ ବିଳମ୍ବ

ଗର୍ଭଣିପଡା ସେବା ସମବାୟ ସମିତିରେ ଚଳିତବର୍ଷ ୪୬୦ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଏଥିପାଇଁ ସମିତି ପକ୍ଷରୁ ୨୦ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିବା ଜଣାପଡିଛି। ଧାନ କ୍ରୟ ସମୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାତ୍ର ୨୫୫ଜଣ ଚାଷୀଙ୍କର ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ କିଣା ହୋଇପାରିଛି। ନାମ ପଞ୍ଜୀକୃତ କରିଥିବା ଚାଷୀମାନଙ୍କ ମଧ୍ୟରୁ ୨୦୫ ଜଣଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ମିଳିପାରି ନାହିଁ। ଫଳରେ ସେମାନେ କିପରି ତାଙ୍କର ଧାନ ବିକ୍ରୟ କରିବେ ସେହି ଚିନ୍ତାରେ ଅଛନ୍ତି। ସୋମବାର ଗର୍ଭଣିପଡା ସେବା ସମବାୟ ସମିତିଠାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଟୋକନ ଯୋଗାଇଦେବାକୁ ଦାବି କରିଥିଲେ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କରଜ ଶୁଝିବା ପାଇଁ ସେମାନେ ବାଧ୍ୟ ହୋଇ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରୁଥିବା ଚାଷୀ ପ୍ରଦୀପ କୁମାର ପଟ୍ଟନାୟକ ଓ ପ୍ରାଣକୃଷ୍ଣ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଶେଷ ଠିକଣା ମଞ୍ଚସ୍ଥ

**ନୟାଗଡ ଅଫିସ,୨୪।୨**

ନୟାଗଡ ପଠାଣୀ ସାମନ୍ତ ଅଡିଟୋରିୟମରେ ସୋମବାର ନାଟକ ଶେଷ ଠିକଣା ମଞ୍ଚସ୍ଥ ହୋଇଯାଇଛି। ନୟାଗଡର ସିରିୟସ ଜୋନ ପକ୍ଷରୁ ଅନୁଷ୍ଠିତ ଏହି ନାଟକକୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ । ନାଟକରେ ଶିଳ୍ପପତି ବାପା ଦୁଇପୁଅଙ୍କ ପାଇଁ କୋଟି କୋଟି ଟଙ୍କାର ସମ୍ପତ୍ତି ଭାଗବାଣ୍ଟି ଦେଇଛନ୍ତି। ତେବେ ଶିଳ୍ପପତିଙ୍କୁ ଅପହରଣ କରାଯାଇଛି। ଅପହରଣକାରୀ ୨୫ ଲକ୍ଷ ଟଙ୍କା ଦେଲେ ତାଙ୍କୁ ଛାଡିବାକୁ କହିଛନ୍ତି। ହେଲେ ଦୁଇପୁଅ ଟଙ୍କା ନାହିଁ କହି ଏଡାଇ ଯାଇଛନ୍ତି । ପରେ ଅପହରଣକାରୀ ବଡପୁଅର ପୁଅକୁ ଅପହରଣ କରି ୪୦ ଲକ୍ଷ ଟଙ୍କା ମାଗିଛନ୍ତି। ଏ କ୍ଷେତ୍ରରେ ଦୁଇ ପୁଅ ୪୦ ଲକ୍ଷ ଦେଇଛନ୍ତି । ବାପାଙ୍କ ପାଇଁ ଟଙ୍କାର ଅଭାବ ଥିବାବେଳେ ପୁଅ ପାଇଁ ଟଙ୍କା ଦେବା ଘଟଣାର ସିସିଟିଭି ଦୃଶ୍ୟ ଅପହରଣକାରୀ ଶିଳ୍ପପତିଙ୍କୁ ଦେଇଛନ୍ତି। ପରେ ଶିଳ୍ପପତି ମାୟ ମୋହ ଛାଡି ସେବାଶ୍ରମକୁ ସହଯୋଗର ହାତ ବଢ଼େଇ ସେଠାରେ ରହିଛନ୍ତି । ଅପହରଣକାରୀ ସେବାଶ୍ରମକୁ ୨୦ ଲକ୍ଷ ଦେଇ ଅବଶିଷ୍ଟ ଟଙ୍କା ସେବାଶ୍ରମକୁ ଦାନ କରିଛନ୍ତି। ଲେଖକ ଆନନ୍ଦ ଚନ୍ଦ୍ର ଥିବାବେଳେ ନାଟ୍ୟ ରୂପାନ୍ତର ଦିଲେଶ୍ୱର ମହାରଣା କରିଛନ୍ତି। ଅଭିନୟରେ ଜାମିନକାନ୍ତ ମିଶ୍ର, ଆଶୁତୋଷ ମିଶ୍ର, କମଳକାନ୍ତ ଦାସ, ସୁଦର୍ଶନ ରାଉତ, କୈଳାସ ଚନ୍ଦ୍ର ଓଝା ଅବତୀର୍ଣ୍ଣ ହୋଇଥିଲେ।

# ନୋ ପାର୍କିଂ ଜୋନରେ ରହୁଛି ଯାନ



**ନୟାଗଡ଼ ଅଫିସ,୨୪।୨**–ନୟାଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ନୋ ପାର୍କିଂ ଜୋନ କରାଯାଇଛି। ତେବେ ସୂଚନା ଫଳକ ପାଖରେ ବେଶି ଯାନବାହନ ରହୁଛି। ଏହାକୁ କେହି ବାରଣ କରୁ ନାହାନ୍ତି । ଯଦି ନିୟମକୁ ପାଳନ ହେଉନାହିଁ ତେବେ ସୂଚନା ଫଳକକୁ ହଟାଇ ଦିଆଯାଉ। ନଚେତ ନୋ ପାର୍କିଂ ଜୋନରେ ଯାନବାହନ ନ ରଖିବା ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉ ବୋଲି ଦାବି ହେଉଛି।

# ବାଳିକା ଆତ୍ମରକ୍ଷା କୌଶଳ ଉଦ୍‌ଯାପିତ

**ଗଣିଆ,୨୪।୨(ଡି.ଏନ.ଏ.)**

ଗଣିଆ ବ୍ଲକ ଆଡକଟାସ୍ଥିତ ବନମାଳୀ ବାରିକି କନିଷ୍ଠ ମହାବିଦ୍ୟାଳୟ ପରିସରରେ ଗତ ୧୨ ଦିନ ଧରି ଚାଲୁରହିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ସମୟରେ ଘଟୁଥିବା ହିଂସାରୁ ବାଳିକାମାନେ କିଭଳି ମୁକାବିଲା କରିବା ସହ କୌଶଳକ୍ରମେ ଘଟଣାସ୍ଥଳରୁ ଖସିଯାଇପାରିବେ ସେ ସମ୍ପର୍କରେ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ୨ଜଣ ଛାତ୍ରୀ ଅଙ୍କିତା ରଣା ଓ ଲୋପିତା ପଣ୍ଡା କୌଶଳ ପ୍ରଶିକ୍ଷଣ ଦେଇଥିଲେ । ଓଡିଶା ସରକାରଙ୍କ ପ୍ରାୟୋଜିତ ଏହି ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୦୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଲିମାର୍ଥୀମାନଙ୍କ ମନରେ ସାହସ ଓ ଉତ୍ସାହ ପ୍ରଦାନ କରିଥିଲେ । ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା ଶିବିରକୁ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ସହଯୋଗ କରିଥିଲେ।



ଛାତ୍ରୀମାନେ ତାଲିମ ନେଉଛନ୍ତି।

# ଲୋକଙ୍କୁ ମିଳୁନି ସୁଫଳ, ତୁଟି ଯାଉଛି ଭରସା

### ଜିଲାପାଳଙ୍କ ମିଳିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

**ନୂଆଗାଁ,୨୪।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କମ ସଂଖ୍ୟାରେ ଜନସାଧାରଣ ଆସିଥିବା ଦେଖିବାକୁ ମିଳିଥିଲା। କାରଣ ଶିବିର ଅନୁଷ୍ଠିତ ହେବା ଦ୍ୱାରା ଜନସାଧାରଣଙ୍କୁ କୌଣସି ସୁଫଳ ମିଳୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଫଳରେ ଅଭିଯୋଗ ଶୁଣାଣି ଶିବିର ଉପରୁ ଲୋକଙ୍କ ଭରସା ତୁଟି ଯାଉଛି। ଅନ୍ୟପକ୍ଷେ ଜିଲାପାଳ ଡ. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମାତ୍ର ୯୯ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଛି । ସେଥିରୁ ୮୯ ଗୋଟି ବ୍ୟକ୍ତିଗତ ଓ ୩ ଗୋଟି ସାମୂହିକ ଅଭିଯୋଗ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୬ ଓ ରେଡକ୍ରସ ୧ ରହିଛି।

ପୂର୍ବ ଅଭିଯୋଗ ଶୁଣାଣି ଦିବସଗୁଡିକ ତୁଳନାରେ ଧୀରେ ଧୀରେ ଅଭିଯୋଗ କମ ହେଉଥିବା ଦେଖିବାକୁ ମିଳୁଛି। ଜୁଲାଇ ୨୯ ତାରିଖରେ ଅନୁଷ୍ଠିତ ଶିବିରରେ ମୋଟ ୧୮୧ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୭୫ ଗୋଟି ବ୍ୟକ୍ତିଗତ ଓ ୬ ସାମୂହିକ ଅଭିଯୋଗ ଥିଲା। ଅକ୍ଟୋବର ୨୨ ତାରିଖ ଶିବିରରେ ୧୯୪ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୧୮୪ ଗୋଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୂହିକ ଥିଲା। ଗତ ଡିସେମ୍ବର ମାସ ୨୪ ତାରିଖରେ ଅନୁଷ୍ଠିତ ଶିବିରରେ ୧୧୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮୯ ଗୋଟି ବ୍ୟକ୍ତିଗତ, ୨୨ ଗୋଟି ସାମୂହିକ ଏବଂ ୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡର ରହିଥିଲା। ସୋମବାର ମାତ୍ର ୯୯ ଅଭିଯୋଗ ପଞ୍ଜୀକୃତ ହୋଇଥିବାରୁ ଧୀରେ ଧୀରେ ଶିବିର ପ୍ରତି ଲୋକଙ୍କ ଆଗ୍ରହ କମୁଥିବା ସୂଚାଇ ଦେଉଛି।

### ଏ ସମ୍ପର୍କରେ ସେମାନେ କୁହନ୍ତି



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସିବା ପାଇଁ ଲୋକମାନଙ୍କୁ କହିଲେ ବିଭିନ୍ନ କଥା ଶୁଣିବାକୁ ପଡୁଛି। ନିଜର କାମଧନ୍ଦା ଛାଡି ଦିନ ତମାମ ବୁଲି ଖର୍ଚ୍ଚାନ୍ତ ହୋଇ ଘରକୁ ଫେରିବା ଛଡା ଅନ୍ୟଥା କିଛି ନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ସବୁ ଅଭିଯୋଗ ଅଧିକାରୀଙ୍କ ଫାଇଲ ଭିତରେ ବନ୍ଧା ହୋଇରହୁଛି। ତେଣୁ ଆମେ କାହିଁକି ଯିବୁ । ଏ କଥା ଶୁଣି ଲୋକଙ୍କୁ ଆଉ କିଛି ଉତ୍ତର ଦେଇପାରୁନୁ।

**ପର୍ଶୁରାମ ସ୍ୱାଇଁ (ସରପଞ୍ଚ),**
ମାଳୀସାହି ପଞ୍ଚାୟତ



ପଞ୍ଚାୟତବାସୀ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କ ମାନସିକତା ଭିନ୍ନ। ଗୋଟିଏ ଥର ବିଫଳ ହେଲା ପରେ ଦ୍ୱିତୀୟ ଥର କାହାରିକୁ ଗୁହାରି କରିବାକୁ ପସନ୍ଦ କରନ୍ତି ନାହିଁ। ସେମାନଙ୍କର ଅନେକ ସମସ୍ୟା ନେଇ ବାରମ୍ବାର ଜଣାଇବା ପରେ ସେମାନେ କୌଣସି ସୁଫଳ ନ ମିଳିବାରୁ ଅଭିଯୋଗ ପାଇଁ ଆସିବାକୁ ଉଚିତ ମଣୁ ନାହାନ୍ତି।

**ତ୍ରିଲୋଚନ ସାହୁ (ସରପଞ୍ଚ),**
ଜାକେଡା ପଞ୍ଚାୟତ



ଲୋକମାନଙ୍କ ଅଭିଯୋଗପତ୍ର ଅଧିକାରୀଙ୍କ ଫାଇଲ ତଳେ ପଡିରହୁଛି। ଯେତେଥର ଅଭିଯୋଗ କଲେ ବି କିଛି ସୁଫଳ ମିଳୁନି। ସେଥିପାଇଁ ଲୋକମାନେ ଅଭିଯୋଗ କରିବାକୁ ଆସି ସମୟ ନଷ୍ଟ କରିବାକୁ ଚାହୁଁ ନାହାନ୍ତି।

**ଗଜେନ୍ଦ୍ର ନାଥ ପ୍ରଧାନ (ସରପଞ୍ଚ),**
ନୂଆଗାଁ ପଞ୍ଚାୟତ



ଜିଲାପାଳ ଓ ପିଡିଙ୍କୁ ବାରମ୍ବାର ଅଭିଯୋଗ କରି ସୋମବାର ନିରାଶ ହୋଇ ଫେରୁଛି। ଅଯଥାରେ ମୋର ସମୟ ଓ ଟଙ୍କା ବରବାଦ ହେଲା।

**ଗୋକୁଳ ପ୍ରଧାନ**, ଅଭିଯୋଗକାରୀ,
ଉଦୟପୁର

# ନିର୍ଯାତନା ଭୟରେ ମୁହଁ ଖୋଲୁନାହାନ୍ତି

■ ଖଳିପାଟଣାରେ କଙ୍ଗାରୁ କୋର୍ଟ ଘଟଣା
■ ବାସନ୍ଦ ପରିବାରକୁ ଭେଟି କରୁନାହାନ୍ତି ଆଲୋଚନା
■ ସମାଧାନର ବାହାନା ଦେଖାଇ ଖସିଯାଉଛି ପ୍ରଶାସନ

ନୟାଗଡ଼ ଅଫିସ,୨୪।୨

ନୟାଗଡ଼ ଜିଲା ଶରଣକୁଳ ଥାନାର ଖଳିପାଟଣା (କୋତରଙ୍ଗ) ଗାଁ। ଏଠାରେ କଙ୍ଗାରୁ କୋର୍ଟ କରାଯାଇ ୧୫ ପରିବାରକୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଆସୁଛି। ୧୯୯୩ ମସିହାରୁ ଏହି କଙ୍ଗାରୁ କୋର୍ଟ ବିଭିନ୍ନ ସମୟରେ ବସିଛି। କାହାକୁ ୫୦ ହଜାର ତ ଆଉ କାହାକୁ ଲକ୍ଷାଧିକ ଟଙ୍କା ଜରିମାନା ପଡିଛି । ଯିଏ ଜରିମାନା ନ ଦେଲା ଗାଁରୁ ବାସନ୍ଦ ହେଲା। ଜମିବାଡି ପଡିଆ ପଡିଲା। ବାସନ୍ଦ ପରେ କିଛି ଲୋକ ଜୀବନ ବଞ୍ଚାଇବା ପାଇଁ ଗାଁ ଛାଡି ପଳାଇ ଆସିଛନ୍ତି ତ ଆଉ କାହାକୁ ଗାଁରୁ ବିଦା ହେବାକୁ ପଡୁଛି। ଗାଁର ୪ ଲୋକ ପାଇଁ ଏହି ନିର୍ଯାତନା ଲାଗିରହିଛି ବୋଲି ଅଭିଯୋଗ ହେଉଛି। ଦଣ୍ଡ ଓ ନିର୍ଯାତନା ଭୟରେ ଗାଁର ଅନ୍ୟ ଲୋକ ମୁହଁ ଖୋଲୁ ନାହାନ୍ତି ବୋଲି ବାସନ୍ଦ ହୋଇଥିବା ଜଣେ ବ୍ୟକ୍ତି କହିଛନ୍ତି। ଏଭଳିସ୍ଥଳେ ପ୍ରଶାସନ ଓ ପୋଲିସ ବାସନ୍ଦ ପରିବାର ସହ ଆଲୋଚନା କରୁ ନାହାନ୍ତି। ସେମାନେ କେଉଁ ପରିସ୍ଥିତିରେ ଅଛନ୍ତି ସେ ନେଇ ସମୀକ୍ଷା କରୁନାହାନ୍ତି। ଗାଁକୁ ଫେରିବା ପାଇଁ ପଦକ୍ଷେପ ନାହିଁ। ତେବେ ସରକାର କହୁଛନ୍ତି କୋତରଙ୍ଗ ଗାଁରେ କିଛି ବିବାଦ ନାହିଁ। ଜମି ବିବାଦକୁ ନେଇ ସୃଷ୍ଟ ବିବାଦ ସମାଧାନ ହୋଇଯାଇଛି।

## ମୁହଁ ଖୋଲିଲେ ବ୍ରଜ କିଶୋର

କୋତରଙ୍ଗର ବ୍ରଜ କିଶୋର ଜେନା କୁହନ୍ତି, କଙ୍ଗାରୁ କୋର୍ଟ ପରେ ଅଭିଶପ୍ତ ଜୀବନଯାପନ କରୁଛୁ। ୧୯୯୩ ମେ ୧୪ରେ ଗାଁର ଭାଗବତ ମନ୍ଦିର ଭାଙ୍ଗି ନିଆଁ ଲଗାଇ ଦେଲେ। ପରେ ଯୁଧିଷ୍ଠିର କରଣଙ୍କ ଦ୍ୱାରରୁ ଭଗବତ ଠାକୁରାଣୀଙ୍କୁ ଉଠାଇ ନେଇଗଲେ। ୨୦୧୨ରେ ମୋର ୧ଏକର ଜମିରେ ଜୋର ଜବରଦସ୍ତ ଚାଷ କରି ଫସଲ କଲେ। ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟ କରି ଦଣ୍ଡିତ କଲେ। ଥାନା, କୋର୍ଟ କଚେରି ଯିବା ପରେ ନିର୍ଯାତନା ବଢ଼ିଲା । ଜମି ଜବରଦଖଲ ପରେ ପୋଲିସକୁ ଅବଗତ କଲି। ୧୪୪ ଓ ସିଭିଲ ସୁଟ୍ କରାଇଲି। ସେପ୍ଟେମ୍ବର ୨୦୧୩ରେ ଡିଗ୍ରୀ ମିଳିଲା। ତେବେ ପ୍ରଶାସନର ସହଯୋଗ ମିଳିଲା ନାହିଁ। ଏହିପରି ବିଭିନ୍ନ କାରଣରୁ ଆମ୍ଭ ୮ ଜେନା ପରିବାରର ୨୦ ଏକର ଜମି ପଡିଆ ପଡିଛି। ମୋ ଦୁଇ ପୁଅଙ୍କ ନାଁରେ ଥିବା ୧୫ ଡେସିମିଲ ଜମି ମଧ୍ୟ ଜୋର ଜବରଦସ୍ତ ନାଁରେ କରାଇ ନେଇଛନ୍ତି । ପୁଣି କିଛି ଲୋକଙ୍କ ଘର ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଇଛନ୍ତି। କୋତରଙ୍ଗ ଜଗନ୍ନାଥ ମହାପ୍ରଭୁଙ୍କର ୨୦ ଏକର ସମେତ ୧୫ ପରିବାରର ୬୦ ଏକର ଜମି ପଡିଆ ପଡିଛି। ଆମ୍ଭ ପରି କିଛି ପରିବାର ବାହାରେ ଘର ଥିବାରୁ ଦୁଃଖକଷ୍ଟରେ ଚଳିଯାଉଛନ୍ତି । ତେବେ ଯେଉଁମାନେ ଗରିବ ସେମାନେ ବଞ୍ଚିବାର ରାହା ଖୋଜୁଛନ୍ତି । ପ୍ରଶାସନ କଙ୍ଗାରୁ କୋର୍ଟକୁ ବେଆଇନ ଘୋଷଣା କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନେବା ଦରକାର। ଯେଉଁମାନେ ବାସନ୍ଦ ହୋଇ ଏଣେତେଣେ ବୁଲୁଛନ୍ତି ସେମାନଙ୍କୁ ଗାଁକୁ ଫେରାଇଆଣିବାର ବ୍ୟବସ୍ଥା କରାଇବା ଦରକାର । କିଛି ନ କରି ନିର୍ଯାତନାକାରୀଙ୍କ ସପକ୍ଷରେ ରହି ସବୁ ସମାଧାନ ହୋଇଯାଇଛି କହିବା ଦୁଃଖଦ ଘଟଣା।

## ମିଥ୍ୟା ଆରୋପ କହିଲେ ସରପଞ୍ଚ

ସ୍ଥାନୀୟ ସରପଞ୍ଚ ଲିଙ୍ଗରାଜ ପାତ୍ର କହିଛନ୍ତି, କିଛି ଲୋକ ମିଥ୍ୟା ଆରୋପ କରି ଶାନ୍ତ ଗାଁକୁ ଅଶାନ୍ତ କରୁଛନ୍ତି। ସେମାନଙ୍କ ଅଭିଯୋଗର ସତ୍ୟତା ନାହିଁ। ଏପରି କି ଗାଁ ଗଣ୍ଡଗୋଳରେ ତାଙ୍କୁ ମଧ୍ୟ ଛନ୍ଦି ଦିଆଯାଇଛି। ଯେଉଁମାନେ ବାସନ୍ଦ ଓ କଙ୍ଗାରୁ କୋର୍ଟ ସମ୍ପର୍କରେ କହୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଗାଁରେ ରହୁନାହାନ୍ତି। କାରଣ ସେମାନଙ୍କର ବାହାରେ ଘରଦ୍ୱାର ରହିଛି। ସେମାନଙ୍କୁ ସହଯୋଗ କରି କିଛି ଗରିବ ଲୋକ ଗାଁକୁ ନ ଆସି ହଇରାଣ ହେଉଛନ୍ତି। ସେମାନେ ଗାଁକୁ ଫେରିଆସିବା ଉଚିତ। ଅନ୍ୟପକ୍ଷେ ଯେଉଁମାନେ ଭାଷଣବାଜି ମାରୁଛନ୍ତି ବିବାହ, ଶୁଦ୍ଧଘର, ମାଣବସା ଗୁରୁବାରରେ ଗାଁକୁ ଆସୁଛନ୍ତି କିପରି। ରବିବାର କିଛି ଲୋକ ଗାଁକୁ ଆସି ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେଇ ଫେରିଛନ୍ତି। ଏଣୁ ଗାଁ ଲୋକଙ୍କୁ ଅଯଥାରେ ବଦନାମ କରା ନ ଯାଉ। ଶାନ୍ତ ଗାଁକୁ ଅଶାନ୍ତ କରାଯାଉଛି କହି ସେ କ୍ଷୋଭ ପ୍ରକାଶ କରିଥିଲେ।

ଏ ନେଇ ଶରଣକୁଳ ଥାନା ଆଇଆଇସି କିରଣ ହେମ୍ବ୍ରମ କୁହନ୍ତି, ଖଳିପାଟଣା (କୋତରଙ୍ଗ) ଗାଁରେ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗିରହିଛି। ବହୁବର୍ଷ ତଳର ବିବାଦ ଘଟଣାରେ ଉଭୟ ପକ୍ଷଙ୍କ ନାଁରେ ୧୦ରୁ ଊର୍ଦ୍ଧ୍ୱ ମକଦ୍ଦମା ହୋଇଛି। କିଛି ଲୋକ ବି ଗିରଫ ହୋଇଛନ୍ତି। ଉଦ୍ୟମ ସତ୍ତ୍ୱେ ସମାଧାନ ହୋଇପାରୁନି। ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ଭୁବନେଶ୍ୱରରେ ରହୁଥିବା ଜଣେ ଅଭିଯୋଗକାରୀଙ୍କ ସହ ଯୋଗାଯୋଗ ହୋଇପାରିଲା ନାହିଁ । ସେ ଆମକୁ ସହଯୋଗ କଲେ ନାହିଁ ବୋଲି ସେ କହିଛନ୍ତି।

## ଢାବାରେ ବେଆଇନ ମଦ୍ୟପାନ, ମାଲିକଙ୍କୁ କୋର୍ଟ ଚାଲାଣ

ଖଣ୍ଡପଡା,୨୪।୨(ସ୍ୱ.ପ୍ର.)

ଖଣ୍ଡପଡା ସହରର ବାଇପାସ ରାସ୍ତା ପାର୍ଶ୍ୱ ବିଦେଶୀ ମଦ ଦୋକାନ ନିକଟରେ ଥିବା ଏକ ଢାବାରେ ବେଆଇନ ଭାବେ ବିଭିନ୍ନ ସମୟରେ ଗ୍ରାହକମାନେ ମଦ୍ୟପାନ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ସମ୍ପୃକ୍ତ ଢାବା ମାଲିକ ଦାଶରଥୀ ସ୍ୱାଇଁଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ଖଣ୍ଡପଡା କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବଜେଲକୁ ପଠାଇ ଦିଆଯାଇଛି । ଦାଶରଥି ଚଳାଇଥିବା ଢାବାରେ ମଦ୍ୟପମାନେ ଅନେକ ସମୟରେ ଦିନ ଓ ରାତିରେ ମଦ୍ୟପାନ କରିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀ ଖଣ୍ଡପଡା ଥାନାରେ ଅଭିଯୋଗ କରିବାରେ ଆଇଆଇସି ବିମଳ କୁମାର ମଲ୍ଲିକ ସଦଳବଳ ରବିବାର ରାତିରେ ଉକ୍ତ ଢାବା ଉପରେ ଅଚାନକ ଚଢାଉ କରି ଦାଶରଥୀଙ୍କୁ ଗିରଫ କରିଥିଲେ। ଏଥିସହ ୬/୭ ଜଣ ମଦ୍ୟପ ଯୁବକଙ୍କୁ ଖଣ୍ଡପଡା ଥାନାରେ ଅଟକ ରଖି ପଚରା ଉଚରା କରିଥିଲେ। ଏ ନେଇ ଖଣ୍ଡପଡା ଥାନାରେ ୫୮/୨୦ରେଏକ ମାମଲା ରୁଜୁ ହୋଇଥିବା ମଲ୍ଲିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୧୧ ମୃତ ବିଦେଶୀ ପକ୍ଷୀ ଜବତ:୩ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା),୨୪।୨(ଡି.ଏନ.ଏ.)- ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ କାଲୁପଡା ନିକଟସ୍ଥ ବରୁଣପଡା ଫିଟିଖନ୍ଧ ନିକଟରୁ ୧୧ ବିଦେଶାଗତ ମୃତ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ଶିକାରୀମାନେ ହେଲେ ସୋରଣ ଗ୍ରାମର ବିଜୟ ବେହେରା (୨୨), ରାଧା ବେହେରା (୩୦), ବୁଲୁ ବେହେରା (୩୦)। ସେମାନଙ୍କଠାରୁ ବନ୍ୟପ୍ରାଣୀ କର୍ମଚାରୀମାନେ ଗୋଟିଏ ୪୦ ଫୁଟ ଶାଳକାଠ ନିର୍ମିତ ମେଶିନ ଚାଳିତ ଡଙ୍ଗା, ୯ ଏଚପି ଇଞ୍ଜିନ, ୨ଟି ଲାର୍ଜ ହୁଇସିଲେଂ ଡକ୍, ୫ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ସୋଭଲର, ୩ଟି ଏଗ୍ ଅଫ ପରପୋଲ ମୋରହେନ ନାମକ ବିଦେଶୀ ପକ୍ଷୀ, ୩ଟି ଅଣ୍ଡା ଓ ଏକ ମୋବାଇଲ ହ୍ୟାଣ୍ଡସେଟ୍ ଜବତ କରିଥିବା ଜଣାପଡିଛି ।

### ବାଘୁଆପଲ୍ଲୀରେ ଜାଗରଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଖଣ୍ଡପଡା,୨୪ ।୨(ସ୍ୱ.ପ୍ର.)-ନୟାଗଡ ଜିଲାର ଅନ୍ୟତମ ପ୍ରମୁଖ ଶୈବପୀଠ ବାଘୁଆପଲ୍ଲୀ ପଞ୍ଚାୟତସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ୩ ଦିନ ବ୍ୟାପୀ ଚାଲିଥିବା ଜାଗରଯାତ୍ରା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଜାଗରଯାତ୍ରା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁନାବେଶ ପୁରୀ ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ସେହିପରି ମେଲୋଡି ସୁର ତରଙ୍ଗର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ନିର୍ମାଣର ମୁଖ୍ୟ ବିନ୍ଧାଣି ବିଜୟ କୁମାର ପରିଡାଙ୍କୁ ଏହି ଅବସରରେ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସେବା କାର୍ଯ୍ୟକ୍ରମ

ବୋଲଗଡ଼,୨୪।୨(ଡି.ଏନ.ଏ.):ବୋଲଗଡ଼ ବ୍ଲକ ବାୟାପଲ୍ଲୀ ଓ ନିକଟସ୍ଥ କୁଳାସର ଗ୍ରାମଠାରେ ଟିକାତାଳର ଶ୍ରୀ ରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦୦ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱର ରାମକୃଷ୍ଣ ମିଶନ ସହାୟତାରେ ଏବଂ ମିଶନର ସନ୍ନ୍ୟାସୀ ସ୍ୱାମୀ ଅଦ୍ୱୟାନନ୍ଦଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ୱାମୀ ଅଦ୍ୱୟାନନ୍ଦଜୀ ଉପସ୍ଥିତ ଲୋକମାନଙ୍କୁ ମାନବ ସେବା ଓ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସେବାଶ୍ରମର ସମ୍ପାଦକ ଗୋଲଖ ସାହୁ, କର୍ମକର୍ତ୍ତା ତଥା ଶିକ୍ଷାବିତ୍ ମନୋଜ ଗୁନାମସିଂହ, ଆଦର୍ଶ ଶିକ୍ଷକ ହୃଷୀକେଶ ଚମ୍ପତି ସହସମ୍ପାଦକ ସର୍ବେଶ୍ୱର ସାହୁ ସହଯୋଗ କରିଥିଲେ।

## ଚିନିକଳ କାର୍ଯ୍ୟକ୍ଷମ ପାଇଁ ଜନଜାଗରଣ ଯାତ୍ରା

ରଣପୁର,୨୪।୨(ସ୍ୱ.ପ୍ର.)

ନୟାଗଡ ଚିନିକଳକୁ ଚାଲୁ କରିବା ପାଇଁ ରଣପୁରର ରଘୁ ଦିବାକର ମଣ୍ଡପରେ ସୋମବାର ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚିନିକଳ କ୍ରିୟାନୁଷ୍ଠାନ କମିଟି ଆବାହକ ବିଶ୍ୱନାଥ ମହାପାତ୍ର, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ଓ ମନୋଜ କୁମାର ସାହୁ, ସଂଯୋଜକ ଶିବରାମ ମହାପାତ୍ର, କୃଷକ ନେତା ନିତ୍ୟାନନ୍ଦ ପ୍ରଧାନ ଓ ନିତ୍ୟାନନ୍ଦ ପରିଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ରଣପୁର ଆଇନଜୀବୀ ସଂଘ ସମ୍ପାଦକ ସତ୍ୟରଞ୍ଜନ ମତା, ଧ୍ରୁବ ପରିଡା ପ୍ରମୁଖ ସଭା ପରିଚାଳନା କରିଥିଲେ।


ସଭାରେ ମଞ୍ଚାସୀନ ଅତିଥି।

## ମା' ସଞ୍ଜେଇ ଦେବୀ ଟି-୨୦: ଖୋର୍ଦ୍ଧା ଚାମ୍ପିୟନ


ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

ଭାପୁର,୨୪।୨(ଡି.ଏନ୍.ଏ.)–ଭାପୁର ବ୍ଲକ ବିଜିପୁର ଗ୍ରାମର ସଞ୍ଜେଇ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜିପୁର ମିନି ଷ୍ଟାଡ଼ିୟମଠାରେ ଚାଲିଥିବା ପ୍ରଶାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ଖୋର୍ଦ୍ଧା ଦଳ ୭ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ କରିଥିଲା। ନୟାଗଡ଼ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୧୮ ରନରେ ସୀମିତ ରହିଥିଲା। ବିଜୟୀ ଦଳର ରୋହିତ କୁମାର ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସେହି ଦଳର ରିତେଶ କୁମାର ସାହୁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଗୋବର୍ଦ୍ଧନ ବାରିକ ଓ ମାନସ ରଞ୍ଜନ ଦାସ। ପୂର୍ବତନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଓ ସାମାଜିକ କର୍ମୀ ବିଜୟ କୁମାର ପଟ୍ଟନାୟକ, ସମବାୟ ବ୍ୟାଙ୍କ ଖଣ୍ଡପଡ଼ା ଜୋନ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୭୫୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫୫୦୦ ଟଙ୍କା ପ୍ରଦାନ କରିଥିଲେ।

## ଖାଲରେ ପଡି ବାଇକ୍ ଆରୋହୀ ଗୁରୁତର

ନିରାକାରପୁର,୨୪।୨(ଡି.ଏନ.ଏ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ଗାର୍ଡୱାଲ ପାଇଁ ଖୋଳା ହୋଇ ପଡିଥିବା ଖାଲରେ ପଡି ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେ ଜଙ୍କିଆ ଅଞ୍ଚଳର ବୋଲି କୁହାଯାଉଛି। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସୋମବାର ସମ୍ପୃକ୍ତ ବ୍ୟକ୍ତି ବାଇକ ଯୋଗେ ଯାଉଥିବା ବେଳେ କମାଗୁରୁ ଅରିସଲ ପାଟଣା ମୁଖ୍ୟ ରାସ୍ତାର ଖେଳ ପଡିଆ ପାଖରେ ଖୋଳାଯାଇଥିବା ବଡ ଖାଲରେ ବାଇକ ସହ ଖସି ପଡିଥିଲେ। ସେ ଗୁରୁତର ହୋଇଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ମିଶାଇ ଉକ୍ତ ଖାଲରେ ୪ଜଣ ପଡି ଆହତ ହୋଇଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ କିଛି ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏନେଇ ନିରାକାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ସେଣ୍ଠଙ୍କୁ ପଚାରିବାରେ ଏହି ଗାର୍ଡୱାଲ କାର୍ଯ୍ୟ ପାଇଁ ୨୦୧୮ଅକ୍ଟୋବର କିମ୍ବା ଡିସେମ୍ବରରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହା ୨୦୧୯ ମାର୍ଚ୍ଚ ମାସରେ ଶେଷ ହେବାର ଥିଲା । କିନ୍ତୁ ଯେଉଁ ଠିକାଦାର କାର୍ଯ୍ୟ କରୁଛନ୍ତି ସେ ଏହି କାର୍ଯ୍ୟ ଶେଷ କରୁ ନାହାନ୍ତି। ୨୦୨୦ ମାର୍ଚ୍ଚ ଭିତରେ ଯଦି ଶେଷ ନ କଲେ ତେବେ ଏହାର ବିକଳ୍ପ ଚିନ୍ତା କରିବୁ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ନେଇ ଦାବିପତ୍ର

ଦଶପଲ୍ଲା,୨୪।୨(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକର ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ନେଇ ମଧଖଣ୍ଡ କ୍ରିୟାନୁଷ୍ଠାନ କମିଟି ତରଫରୁ ସୋମବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଏଥିରେ ଚେତାବନୀ ଦିଆଯାଇଛି।

ମଧଖଣ୍ଡଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫ ଖଣ୍ଡ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଏଥିସହ ରାସ୍ତାପାର୍ଶ୍ୱରେ ଉକ୍ତ ଡାକ୍ତରଖାନା ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାରେ ଆହତମାନେ ଚିକିତ୍ସା ନିମନ୍ତେ ଏଠାକୁ ଆସିଥାନ୍ତି। କିନ୍ତୁ ପରିତାପର ବିଷୟ ଜଣେହେଲେ ସ୍ଥାୟୀ ଡାକ୍ତର ନାହାନ୍ତି।

### ଆନ୍ଦୋଳନ ଚେତାବନୀ

ନିଯୁକ୍ତ ଡାକ୍ତରଙ୍କୁ ବିଭିନ୍ନ ଅଞ୍ଚଳକୁ ଡେପୁଟେଶନରେ ପଠାଯାଉଛି। ଫଳରେ ଅଞ୍ଚଳବାସୀ ବହୁ ହଇରାଣ ହେଉଛନ୍ତି। ଡାକ୍ତରଖାନାରେ ବହୁ ପଦବୀ ଖାଲି ପଡ଼ିଛି। ଆମ୍ବୁଲାନ୍ସ ସେବା ମଧ୍ୟ ମିଳୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅବ୍ୟବସ୍ଥା ବିଷୟରେ ମଧଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଉଦ୍ଦେଶ୍ୟରେ ଫାର୍ମାସିଷ୍ଟଙ୍କୁ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ତଥା କୃଷକ ନେତା ଗଣେଶ୍ୱର ନାୟକ, କ୍ରିୟାନୁଷ୍ଠାନ କମିଟି ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟକେନ୍ଦ୍ରରେ ଦାବିପତ୍ର ପ୍ରଦାନ କରାଯାଉଛି।

## ମାଲୁଦରେ ୮୪ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.): କୃଷ୍ଣପ୍ରସାଦବ୍ଲକରମାଲୁଦସ୍ଥିତପ୍ରଜାପିତାବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୪ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ଯୋଗଦେଇ ଶିବ ଧ୍ୱଜା ଉତ୍ତୋଳନ କରିଥିଲେ। ସିଡିପିଓ ମନୋରମା ଦେବୀ ମୁଖ୍ୟଅତିଥି ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ଉପସେବା କେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ମିନତି, ବ୍ରହ୍ମାକୁମାରୀ ଶାନ୍ତି, ବ୍ରହ୍ମାକୁମାର ଦିନେଶ ପ୍ରମୁଖ ଯୋଗଦେଇ ଶିବ ଜୟନ୍ତୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପରମପିତାଙ୍କ ପ୍ରତି କର୍ତ୍ତବ୍ୟ, ସମାଜପ୍ରତି ଆମର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

ବୋଲଗଡ଼,୨୪।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ସାଲତରାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ୪ଦିନ ଧରି ନାମଯଜ୍ଞ, ଘୃତଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ, ଗୋପୂଜା, ସୂର୍ଯ୍ୟପୂଜା ଆଦି କାର୍ଯ୍ୟକ୍ରମ ଚାଲୁରହିଥିଲା। ଶ୍ରଦ୍ଧାଳୁମାନେ ୧୦୮ କଳସରେ ଗ୍ରାମ ପୁଷ୍କରିଣିରୁ ଜଳଭାର ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜାଗର ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତଥା ବାହାର ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଜମିର ସୁରକ୍ଷା ପାଇଁ ନିର୍ମାଣ ହେଲାନି ପଥରବନ୍ଧ

### ଚାଷୀଙ୍କ ମନରେ ହତାଶାଭାବ ସୃଷ୍ଟି କରିଛି ଜଳସମ୍ପଦ ବିଭାଗର ଉଦାସୀନତା

ଖଣ୍ଡପଡା,୨୪।୨(ସ୍ୱ.ପ୍ର)

ପ୍ରତି ବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ନଦୀ ତଟବର୍ତ୍ତୀ ଫସଲ ଜମି କ୍ରମଶଃ ଲୀନ ହେବାରେ ଲାଗିଛି । ଏହାଛଡା ପ୍ରବଳ ବନ୍ୟା ସ୍ରୋତରେ ଅନେକ ଚାଷ ଜମି ମଧ୍ୟ ବାଲିଚର ହେଉଛି । ଉକ୍ତ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ପଥର ବନ୍ଧ(ଏସ୍‌କେପ) ନିର୍ମାଣ କରାଯିବାକୁ ଚାଷୀଙ୍କ ପକ୍ଷରୁ ବହୁବାର ଦାବି ପରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଭାଗର ଉଦାସୀନତା ଚାଷୀଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି କରିଛି ।

ପ୍ରକାଶ ଯେ, କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳରୁ କମେଇ ନଦୀର ସୃଷ୍ଟି। କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ୪କି.ମି. ଦୂର ତଳ ମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମିର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମେଇ ସେତୁଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳ ବନ୍ଧ ନିର୍ମାଣ କରାଯାଇଛି । ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମ ପାର୍ଶ୍ୱ ଧୋବଣୀଘାଇ-ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଅଛି। ମାତ୍ର କମେଇ ନଦୀ ଓ ବାମ ପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ପ୍ରତି ବର୍ଷ ବନ୍ୟାରେ ଜଳ ମଗ୍ନ ହୋଇଥାଏ । ଜମିମାନଙ୍କରେ ପଟୁ ମାଡି ଯାଉଥିବାରୁ ଧାନ ଫସଲ କରିବା ସମ୍ଭବ ହେଉନି। ଏହି ସବୁ ଜମିରେ ଧାନ ଫସଲ ବ୍ୟତୀତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ। ଏବେ କିନ୍ତୁ ପ୍ରବଳ ବନ୍ୟା ଜଳ ଉକ୍ତ ଜମିରେ ପ୍ରବାହିତ ହେବାରୁ ଅଧିକାଂଶ ଜମି ବାଲିଚର ହେବା ସହ ନଦୀକୂଳରେ ଥିବା ଜମି ଅତଡା ଖାଇ ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେଉଛି । ବିଶେଷ କରି ପ୍ରତିବର୍ଷ ମହାନଦୀ ଓ କମେଇ ନଦୀରେ ବନ୍ୟା ଆସି ତଟବର୍ତ୍ତୀ ଜମିଗୁଡିକ ବାଲିଚର ହୋଇଯାଇଛି । ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୀର୍ଘ ବର୍ଷରୁ ଜଣାଇ ଆସୁଥିଲେ ମଧ୍ୟ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ମାଳବନ୍ଧଗୁଡିକର ରକ୍ଷଣାବେକ୍ଷଣ ଓ ନୂତନ ମାଳବନ୍ଧ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ପ୍ରକୃତ ପକ୍ଷରେ ଆବଶ୍ୟକୀୟ କାର୍ଯ୍ୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରୁଛନ୍ତି। ତେବେ ଚାଷୀମାନଙ୍କ ଦାବିକୁ ଦୃଷ୍ଟି ଦେଇ ବିଭିନ୍ନ ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କଣ୍ଟିଲୋ ପରିଦର୍ଶନରେ ଆସିଥିବାବେଳେ ବନ୍ୟାରେ ବାଲିଚର ଓ କ୍ଷତିଗ୍ରସ୍ତ ଜମିଗୁଡିକୁ ଅନୁଧ୍ୟାନ କରି ଏଠାରେ ଏକ ଏସକେପ ନିର୍ମାଣ ପାଇଁ ଅନୁକୂଳ ମତ ପୋଷଣ କରିଥିଲେ। କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳ ତଳ ମୁଣ୍ଡରେ ଦୁଇ କୂଳକୁ ଲଗାଇ ଏକ ଏସ୍‌କେପ ନିର୍ମାଣ କରିବାର ଆବଶ୍ୟକତା ଥିବାରୁ ଉକ୍ତ କାର୍ଯ୍ୟ ପାଇଁ ଆବଶ୍ୟକୀୟ କାଗଜପତ୍ର ତଥା ଏଷ୍ଟିମେଟ ପ୍ରସ୍ତୁତ କରିବାକୁ ସ୍ଥାନୀୟ କନିଷ୍ଠଯନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ଏ ନେଇ ଚାଷୀଙ୍କ ମନରେ ସନ୍ତୋଷ ପ୍ରକାଶ ପାଇଥିଲା। ମାତ୍ର ଇତି ମଧ୍ୟରେ ୩/୪ ବର୍ଷ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ କୌଣସି ଅଗ୍ରଗତି ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି ହୋଇଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ସେଠାରେ ଏକ ଚେକଡ୍ୟାମ ନିର୍ମାଣ ପାଇଁ ଅଟକଳ ପ୍ରସ୍ତୁତ ହୋଇଥିବା ସହକାରୀ ଯନ୍ତ୍ରୀ ଇଂ. ଶଙ୍କର ଦଳାଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବନ୍ୟା ସମୟରେ କମେଇ ନଦୀର ଜଳ ପତନ ଦୁଇ କୂଳ ଲଘି ପ୍ରାୟ ୨୫/୩୦ ଫୁଟ ଉଚ୍ଚରେ ପ୍ରବାହିତ ହୋଇ ଥାଏ । ନଦୀ ମଧ୍ୟରେ ୨ ମିଟର ଉଚ୍ଚତା ବିଶିଷ୍ଟ ଏହି ଏସ୍‌କେପ ନିର୍ମାଣ ହେଲେ ବନ୍ୟା ସ୍ରୋତରେ ଭାସି ଆସୁଥିବା ବାଲି ଏହି ଏସ୍‌କେପରେ ବାଧାପ୍ରାପ୍ତ ହୋଇପାରନ୍ତା ।


ଗତ ବର୍ଷ ବନ୍ୟାରେ ବାଲିଚର ହୋଇଥିବା ଜମି।